## ଅଲ୍ଲାଃତାଲାଙ୍କ ବାଣୀ

وَأُدْخِلَ الَّذِينَ آمَنُوا وَعَمِلُوا الصَّالِحَاتِ جَنَّاتٍ تَجْرِي مِن تَحْتِهَا الْأَنْهَارُ خَالِدِينَ فِيهَا بِإِذْنِ رَبِّهِمْ تَحِيَّتُهُمْ فِيهَا سَلَامٌ ○

(ଅଲ୍ ଇବ୍ରାହିମ୍ : 24)

**ଅନୁବାଦ:** ଏବଂ ଯେଉଁମାନେ ବିଶ୍ୱାସ କରିଥାଆନ୍ତି ଓ ସତ-କର୍ମ (ଯଥାର୍ଥ କର୍ମ) କରିଥା-ଆନ୍ତି ସେମାନଙ୍କୁ ସେମାନଙ୍କ ପାଳନକର୍ତ୍ତାଙ୍କ ଆଦେଶାନୁଯା-ୟୀ ଏପରି ବୈକୁଣ୍ଠରେ ପ୍ରବିଷ୍ଟ କରାଯିବ ଯାହାର ନିମ୍ନ ଦେଶରେ ଝରଣା ପ୍ରବାହିତ ହେଉଥିବ ଏବଂ ସେମାନେ ସେଠାରେ ସର୍ବଦା ବାସ କରିବେ। ସେଠାରେ ସେମା-ନଙ୍କର ପରସ୍ପର ପାଇଁ ଏହି ପ୍ରାର୍ଥ-ନା ହେବ ତୁମ ପ୍ରତି ଶାନ୍ତି ହେଉ ।


بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ: 9

**ସମ୍ପାଦକ:** କମ୍ବୁଲ୍ ହକ୍ ଖାନ୍

**ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 36

ବାର୍ଷିକ ଦେୟ : 600/-

www.akhbarbadr.in

01 ରବିଉଲ୍ ଅୱଲ୍ 1446 ହି.କ, 05 ତୁବୁକ୍ 1403 ହି.ଶ, 05 Sep -2024 ମସିହା


## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନ୍ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ✡ ପ୍ରଭୁଙ୍କ ପ୍ରଶଂସା ଗାନ କରିବାର ମହତ୍ତ୍ୱ ✡

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ କାର୍ଯ୍ୟ ଯଦି ପ୍ରଭୁଙ୍କ ପ୍ରଶଂସା ଗାନ ବ୍ୟତୀରେକ ଆରମ୍ଭ କରାଯାଏ ତେବେ ତାହା କଲ୍ୟାଣୟହୀନ ଏବଂ ଅପୂର୍ଣ୍ଣ ରହିଥାଏ । **(ଇବ୍‌ନେ ମାଜା, ଅବ୍‌ୱବୁନ୍ ନିକାହ୍, ବାବ୍ ଖୁତ୍‌ବତୁନ୍ ନିକାହ୍, ଅବୁ ଦାଉଦ୍ କିତାବୁଲ୍ ଅଦବ୍, ବାବୁଲ୍ ହୁଦା ଫିଲ୍ କଲାମି)**

### ✡ ମୁସଲମାନ ବ୍ୟକ୍ତିର ବିଶେଷତା ✡

ହ.ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, କୌଣସି ବ୍ୟକ୍ତି ଯେକି ଇସଲାମ୍ ଧର୍ମାବଲମ୍ବୀ ଅଟେ, ସେହି ବ୍ୟକ୍ତିର ବିଶେଷତା ଏହିକି ଯେ, ସେ ସେହି କଥାକୁ ପରିତ୍ୟାଗ କରିଦେଉ ଯାହା ସହିତ ତା'ର କୌଣସି ସଂପର୍କ ନାହିଁ । **(ତିର୍ମିଜି କିତାବୁଜ୍ ଜୁହଦ୍, ବାବ୍-11, ହଦିସ୍ ନଂ-2317)**

### ✡ ମୁସଲମାନ ବ୍ୟକ୍ତିର ବିଶେଷତା ✡

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ତୁମେମାନେ ଯଦି ଧର୍ମପରାୟଣ ବ୍ୟକ୍ତି ହୋଇଯାଅ ତେବେ ତୁମେମାନେ ସବୁଠୁ ବଡ଼ ଭକ୍ତ ହୋଇଯିବ । ତୁମେମାନେ ଯଦି ମିତବ୍ୟୟତା ଅବଲମ୍ବନ କର ତେବେ ତୁମେମାନେ ସବୁଠୁ ବଡ଼ କୃତଜ୍ଞତା ଜ୍ଞାପନକାରୀ ବ୍ୟକ୍ତି ହୋଇଯିବ । ତୁମେମାନେ ନିଜ ପାଇଁ ଯାହା ପସନ୍ଦ କରୁଛ ତାହା ଯଦି ଅନ୍ୟମାନଙ୍କ ପାଇଁ ପସନ୍ଦ କର ତେବେ ତୁମେମାନେ ପ୍ରକୃତ ଧର୍ମପରାୟଣ ବ୍ୟକ୍ତି ହୋଇଯିବ । ତୁମେମାନେ ଯଦି ନିଜର ପଡ଼ୋଶୀ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କର ତେବେ ତୁମେମାନ ପ୍ରକୃତ ମୁସଲମାନ ବ୍ୟକ୍ତି ହୋଇଯିବ । ତୁମେମାନେ ସ୍ୱଳ୍ପ ହାସ୍ୟ ପ୍ରକାଶ କର କାରଣ ଅଧିକ ହସିବା ଦ୍ୱାରା ହୃଦୟ ମୃତ ପାଲଟି ଯାଇଥାଏ । **(ସୁନନ୍ ଇବ୍‌ନେ ମାଜା, କିତାବୁଜ୍ ଜୁହଦ୍, ବାବୁଲ୍ ୱରଆ ୱତ୍ ତକ୍‌ୱା)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ମନ ଭିତରେ ଧର୍ମ ସକାଶେ ସହାନୁଭୂତି ତଥା ସମବେଦନା ପୋଷଣ କରିବା ଏକ ବହୁତ ବଡ଼ କଥା ଯାହାକି ମୃତ୍ୟୁକାଳୀନ ମୂର୍ଚ୍ଛା ଅବସ୍ଥାରେ ବ୍ୟକ୍ତିକୁ ସମ୍ମାନ ତଥା ସାଫଲ୍ୟ ମଣ୍ଡିତ କରାଇଥାଏ ।

କୌଣସି ବ୍ୟକ୍ତି ଏହା ଜାଣି ନାହିଁ ଯେ, ନମାଜ ଜୁହୋର ପରେ ନମାଜେ ଅସର୍ ପର୍ଯ୍ୟନ୍ତ ସେ ଜୀବିତ ରହିବା କି ନାହିଁ ? ବେଳେବେଳେ ଏପରି ମଧ ହୋଇଥାଏ ଯେ, ଶରୀରର ଶିରା ପ୍ରଶିରାରେ ହଠାତ୍ ରକ୍ତ ସଞ୍ଚାଳନ ବନ୍ଦ୍ ହୋଇ ପ୍ରାଣବାୟୁ ଉଡ଼ି ଯାଇଥାଏ । ବେଳେବେଳେ ସୁସ୍ଥ ବ୍ୟକ୍ତିର ମଧ ସହସା ମୃତ୍ୟୁ ଘଟିଥାଏ । ୱଜିର୍ ମୁହମ୍ମଦ ହସନ୍ ଖାନ୍ ସାହେବ ଘର ବାହାରେ ପବନ ଖାଇ ଅର୍ଥାତ୍ ପବନରେ ଟିକେ ବୁଲି ଆସିଥିଲେ ଏବଂ ହସ ଖୁସିରେ ସେ ଯେତେବେଳେ ପାହାଚ ଉପରେ ଚଢିବାକୁ ଲାଗିଲେ । ଦ୍ୱିତୀୟ ପାହାଚରେ ସେ ପାଦ ରଖିଛନ୍ତି କି ନାହିଁ ହଠାତ୍ ତାଙ୍କର ମୁଣ୍ଡ ବୁଲାଇଲା ଏବଂ ସେ ବସି ପଡ଼ିଲେ । ଚାକର କହିବାକୁ ଲାଗିଲା ଯେ, ସାଆନ୍ତେ ରୁହନ୍ତୁ ମୁଁ ଆପଣଙ୍କୁ ଟିକେ ସାହାରା ଦେଇ ଦେଉଛି । ଅର୍ଥାତ୍ ମୁଁ ଆପଣଙ୍କୁ ଧରୁଛି ରୁହନ୍ତି । ୱଜିର୍ ସାହେବ କହିଲେ, ନାହିଁ ।

ପୁନଶ୍ଚ ୱଜିର୍ ସାହେବ ଦୁଇ ତିନି ପାହାଚ ଚଢିଲେ ଓ ପୁନଃ ମୁଣ୍ଡ ବୁଲାଇଲା । ଏହି ମୁଣ୍ଡ ବୁଲାଇବାରୁ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ଠିକ୍ ସେହିପରି କାଶ୍ମୀରର ଗୁଲାମ ମୁହିଉଦ୍ଦୀନ୍ କୋଟ୍‌ଲୀ ସାହେବ ନାମକ ଜଣେ ବ୍ୟକ୍ତିଙ୍କର ସହସା ମୃତ୍ୟୁ ଘଟିଲା । ଅର୍ଥାତ୍ ମୃତ୍ୟୁ ଆସିବାର କୌଣସି ସମୟ ନଥାଏ ଯେ, ତାହା କେତେବେଳେ ଆସି ପହଞ୍ଚିଯିବ । ଅତଏବ୍ ଏହା ଆବଶ୍ୟକ ଯେ, ଏଥିପ୍ରତି ଅବଚେତନ ଓ ବେପରୱା ହୁଅନ୍ତୁ ନାହିଁ । ସୁତରାଂ ମନ ଭିତରେ ଧର୍ମ ସକାଶେ ସହାନୁଭୂତି ତଥା ସମବେଦନା ପୋଷଣ କରିବା ଏକ ବହୁତ ବଡ଼ କଥା ଯାହାକି ମୃତ୍ୟୁକାଳୀନ ମୂର୍ଚ୍ଛା ଅବସ୍ଥାରେ ବ୍ୟକ୍ତିକୁ ସମ୍ମାନ ତଥା ସାଫଲ୍ୟ ମଣ୍ଡିତ କରାଇଥାଏ ।

ସୁତରାଂ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କୁହନ୍ତି, إِنَّ زَلْزَلَةَ السَّاعَةِ شَيْءٌ عَظِيمٌ **(ଅଲ୍ ଅହଜ୍: 2)** ଅର୍ଥାତ୍ ବାସ୍ତବରେ ସେହି ମୀମାଂସାକାରୀ ସମୟର ଭୂମିକମ୍ପ ଅତିଶୟ ଗୁରୁତ୍ୱପୂର୍ଣ୍ଣ ବିଷୟ । ମୀମାଂସାକାରୀ ସମୟରୁ ପ୍ରଳୟ ଦିବସ ମଧ ଯଥାର୍ଥ ଅଟେ । ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । କିନ୍ତୁ ମୃତ୍ୟୁକାଳୀନ ମୂର୍ଚ୍ଛାବସ୍ଥା ହିଁ ଯଥାର୍ଥ । କାରଣ ଉକ୍ତ ସମୟଟି ପୂର୍ଣ୍ଣ ବିଚ୍ଛିନ୍ନତାର ସମୟ ହୋଇଥାଏ । ମନୁଷ୍ୟ ନିଜର ପ୍ରୟିତମ, ରୂଚିକର ଓ ମନୋବାଞ୍ଛିତ ଜିନିଷ ଠାରୁ ସହସା ପୃଥକ ହୋଇ ଯାଇଥାଏ । ଏକ ବିଚିତ୍ର ପ୍ରକାରର ଭୂମିକମ୍ପ ସେହି ବ୍ୟକ୍ତି ଉପରେ ବିସ୍ତାରିତ ହୋଇଥାଏ। ଅର୍ଥାତ୍ ସେ ଭିତରେ ଭିତରେ ମୃତ୍ୟୁର ପଞ୍ଝାରେ ଥାଏ। ତେଣୁ ମନୁଷ୍ୟର ସମସ୍ତ ସୌଭାଗ୍ୟ ଏହିକି ଯେ, ସେ ମୃତ୍ୟୁକୁ ମନେରଖୁ । ସଂସାର ଓ ତା'ର ବସ୍ତୁ ସେହି ବ୍ୟକ୍ତିର ଏତେ ପ୍ରିୟ ନହୁଅନ୍ତୁ ଯାହାକି ଶେଷ ମୁହୂର୍ତ୍ତରେ ବିଚ୍ଛିନ୍ନତା ସମୟରେ ତା' ପାଇଁ ବ୍ୟଥାର କାରଣ ହୋଇଯିବ ।

ପବିତ୍ର କୁରଆନ୍ ଉପରୋକ୍ତ ପ୍ରସଙ୍ଗକୁ ଉକ୍ତ ଆୟତ୍‌ରେ ବର୍ଣ୍ଣନା କରିଛି ଯେ, إِنَّمَا أَمْوَالُكُمْ وَأَوْلَادُكُمْ فِتْنَةٌ **(ଅଲ୍ ଅନଫାଲ୍-29)** ଏବଂ ମନେରଖ! ତୁମମାନଙ୍କର ଧନ ସମ୍ପତ୍ତି ଓ ତୁମମାନଙ୍କର ସନ୍ତାନ ସନ୍ତତି କେବଳ ଏକ ପରୀକ୍ଷା ସଦୃଶ ଅଟନ୍ତି । أَمْوَالُكُمْରେ ମହିଳାମାନେ ମଧ ଅନ୍ତର୍ଭୁକ୍ତ ଓ ପ୍ରବିଷ୍ଟ ଅଟନ୍ତି । ନାରୀ ଯଦିଚ ପରଦାରେ ରୁହନ୍ତି ତେଣୁ ତା'ର ନାମକୁ ପରଦା ମଧରେ ରଖାଯାଇଛି । ଅତଏବ୍ ମନୁଷ୍ୟ ନାରୀକୁ ନିଜର ଧନ ବ୍ୟୟ (ଖର୍ଚ୍ଚ) କରି ଅର୍ଥାତ୍ ବିବାହ କରି ଆଣିଥାଏ । ମଲ୍ ଶବ୍ଦଟି ମାଏଲରୁ ଗୃହୀତ। ଅର୍ଥାତ୍ ଯାହା ପ୍ରତି ସ୍ୱଭାବତଃ ଧ୍ୟାନ ଏବଂ ରୂଚି ବା ଅଗ୍ରହ ପ୍ରକାଶ କରିଥାଏ । ମହିଳା ଆଡ଼କୁ ମଧ ସ୍ୱଭାବ ଆକୃଷ୍ଟ ଦେଇଥାଏ । ତେଣୁ ଅଲ୍ଲାଃତାଲ ମହିଳାକୁ ମଧ ଧନ ମଧରେ ପ୍ରବିଷ୍ଟ ଓ ସାମିଲ୍ କରିଛନ୍ତି.........ସୁତରାଂ ଧନରୁ ଯଥାର୍ଥ كُلُّ مَا يَمِيلُ إِلَيْهِ الْقَلْبُ ଅଟେ । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ସନ୍ତାନର ଚର୍ଚ୍ଚା ଏଇଥିପାଇଁ କଲେ ଯେ, ମନୁଷ୍ୟ ସନ୍ତାନକୁ ନିଜର ପ୍ରାଣପିଣ୍ଡ ଓ ନିଜର ଉତ୍ତରାଧିକାରୀ ବୋଲି ମନେ କରିଥାଏ । **(ମଲ୍‌ଫୁଜାତ୍, ଭାଗ-2, ପୃ-29, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)**

☆--☆--☆

---

**(1039)** ହ. ଇବ୍‌ନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ଆଦୃଷ୍ଟ ସଂପର୍କିତ ବିଷୟକୁ 5 ଭାଗରେ ବିଭକ୍ତି କରାଯାଇଛି । ଉକ୍ତ ବିଷୟ ସଂକ୍ରାନ୍ତରେ କେବଳ ଅଲ୍ଲାଃତାଲା ହିଁ ଅବଗତ ଅଟନ୍ତି । କୌଣସି ବ୍ୟକ୍ତି ଏହା ଜାଣି ନାହିଁ ଯେ, କାଲି କ'ଣ ଘଟିବ ଏବଂ କୌଣସି ବ୍ୟକ୍ତି ଏହା ଜାଣି ନାହିଁ ଉଦର

(ପେଟ) ମଧ୍ୟରେ କ'ଣ ରହିଛି, କୌଣସି ଜୀବ (ଏଠାରେ ଜୀବରୁ ଯଥାର୍ଥ ମନୁଷ୍ୟାତ୍ମା ଅଟେ) ଏହା ଜାଣି ନାହିଁ ଯେ, ସେ କାଲି କ'ଣ ଉପାର୍ଜନ କରିବ, କୌଣସି ଆତ୍ମା ଏହା ଜାଣି ନାହିଁ ଯେ, ସେ କେଉଁ ଦେଶରେ ମୃତ୍ୟୁବରଣ କରିବ ଓ କୌଣସି ବ୍ୟକ୍ତି ଏହା ଜାଣି ନାହିଁ ଯେ, ବୃଷ୍ଟିପାତ କେବେ ହେବ ?

**(ବୁଖାରୀ କିତାବ୍ ଇଲାହିୟାହ୍)**

☆--☆--☆

**ସିର୍କ ମନୁଷ୍ୟର ଦୃଷ୍ଟିକୋଣକୁ ଅତ୍ୟନ୍ତ ସୀମିତ କରିଦେଇଥାଏ । ଫଳତଃ ମନୁଷ୍ୟର ସାହାସ ମଧ୍ୟ କ୍ରମଶଃ ହ୍ରାସ ପାଇଥାଏ ଓ ମନୁଷ୍ୟ ଜୀବନର ମୂଳ ଅଭିପ୍ରାୟକୁ ନ୍ୟୁନ ତଥା ତୁଚ୍ଛ କରିଦେଇଥାଏ । କୌଣସି ବ୍ୟକ୍ତି ଯେକି ମୃତ ବ୍ୟକ୍ତିର କବର ସମ୍ମୁଖରେ ଦୀପ ଜାଳି ଆସେ, ସେ ସେହି କବରବାସୀ ଠାରୁ ଅର୍ଥାତ୍ କବର୍ ସମ୍ମୁଖରେ ଦୁଆ କରୁ ଅବା ନକରୁ (କବର୍ ସମ୍ମୁଖରେ କିଛି ମାଗୁ ବା ନମାଗୁ) କିମ୍ବା କବରବାସୀକୁ ସେ ଈଶ୍ୱର ବୋଲି ସ୍ୱୀକାର କରୁ ଅବା ନକରୁ ହେଲ ତା'ର ଉକ୍ତ କର୍ମ ମଧ୍ୟ ସିର୍କ ମଧ୍ୟରେ ଗଣ୍ୟ ଓ ପ୍ରବିଷ୍ଟ ହେବ । କାରଣ ଉକ୍ତ କର୍ମ ପୂର୍ବ କାଳର ସିର୍କମୂଳକ କର୍ମର ଅବଶିଷ୍ଟାଂଶ ପ୍ରଥା ଅଟେ ।**

ସୟେଦିନା ହ. ମୁସ୍ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍ର ଆୟତ୍ ସଂଖ୍ୟା 32 "وَمَنۡ یُّشۡرِکۡ بِاللّٰہِ فَکَاَنَّمَا خَرَّ مِنَ السَّمَآءِ فَتَخۡطَفُہُ الطَّیۡرُ اَوۡ تَہۡوِیۡ بِہِ الرِّیۡحُ فِیۡ مَکَانٍ سَحِیۡقٍ" ର ବ୍ୟାଖ୍ୟା କରି କୁହନ୍ତି: ଅର୍ଥାତ୍ ପୂର୍ବ ସଂଖ୍ୟାରେ ସିର୍କର ଯେଉଁ ପ୍ରକାରଭେଦ ସଂପର୍କରେ ବର୍ଣ୍ଣନା କରାଯାଇଥିଲା ସେହି କ୍ରମରେ ସିର୍କର ଅବଶିଷ୍ଟାଂଶ ପ୍ରକାରଭେଦ ବା କିସମ ଏହିପରି:

**ଅଷ୍ଟମ:** ସିର୍କର ଅଷ୍ଟମ କିସମ ଏହିକି ଯେ, ଏପରି କୌଣସି ବସ୍ତୁ ଯାହାକୁ ଈଶ୍ୱରଙ୍କ ପ୍ରକୃତିସ୍ଥ ନିୟମ କିଛି କାର୍ଯ୍ୟ କରିବାକୁ ସମାର୍ଥ୍ୟ ପ୍ରଦାନ କରି ନାହିଁ। ସେହି ବସ୍ତୁ ସଂକ୍ରାନ୍ତରେ ଏହା ବିଚାର କରିବା କି, ସେହି ବସ୍ତୁ ଅମକ କାର୍ଯ୍ୟ ସମ୍ପାଦନ କରିନେବ । ଉଦାହରଣ ସ୍ୱରୂପ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ ନିଜକୁ اَلسَّمِیۡعُ ବୋଲି ବିବେଚିତ କରିଛନ୍ତି । ଏହାର ଅର୍ଥ ଅଲ୍ଲାଃତାଲା ପୂର୍ଣ୍ଣ ରୂପେ ଲୋକମାନଙ୍କର ପ୍ରାର୍ଥନାକୁ ସ୍ୱୀକାର କରନ୍ତି ଏବଂ ସେମାନଙ୍କର ଆବଶ୍ୟକତାକୁ ପୂରଣ କରିଥାଆନ୍ତି। ଅର୍ଥାତ୍ ବ୍ୟବଧାନ ଓ ସମୟର ପ୍ରଭୁଙ୍କ ଉପରେ କୌଣସି ପ୍ରଭାବ ପଡ଼ି ନଥାଏ। ବର୍ତ୍ତମାନ ଯଦି କୌଣସି ବ୍ୟକ୍ତି ଅଲ୍ଲାଃତାଲାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରିବା ବଦଳରେ ମୃତ ବ୍ୟକ୍ତିଙ୍କ କବର ନିକଟକୁ ଯାଇ ସେମାନଙ୍କୁ ଏହା କୁହେ କି ହେ ଅମକ ପୀର ବାବା ତୁମେ ମୋର ମନସ୍କାମନା ପୂରଣ କରିଦିଅ ବୋଲି ସେମାନଙ୍କୁ ଗୁହାରୀ ହୁଏ ତେବେ ସେହି ବ୍ୟକ୍ତି ସିର୍କ କରିଥାଏ। କାରଣ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କ اَلسَّمِیۡعُ ହେବାରେ ମୃତ ବ୍ୟକ୍ତିଙ୍କୁ ସାମିଲ୍ କରିନେଲା । କିନ୍ତୁ ପବିତ୍ର କୁରଆନ୍ କରୀମ୍ ଉକ୍ତ ପ୍ରସଙ୍ଗକୁ ଅତ୍ୟନ୍ତ ସ୍ୱଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଦେଇଛି ।

ଅର୍ଥାତ୍ وَالَّذِیۡنَ یَدۡعُوۡنَ مِنۡ دُوۡنِ اللّٰہِ لَا یَخۡلُقُوۡنَ شَیۡـًٔا وَّہُمۡ یُخۡلَقُوۡنَ ؕ اَمۡوَاتٌ غَیۡرُ اَحۡیَآءٍ ۚ وَمَا یَشۡعُرُوۡنَ ۙ اَیَّانَ یُبۡعَثُوۡنَ **(ଅନ୍ ନହଲ୍: 21)** ଅର୍ଥାତ୍ ଅଲ୍ଲାଃତାଲାଙ୍କ ବ୍ୟତୀତ ସେମାନେ ଯେଉଁସବୁ ମିଥ୍ୟା ଉପାସ୍ୟଙ୍କୁ ଡାକନ୍ତି ସେମାନେ କିଛି ସୃଷ୍ଟି କରିପାରନ୍ତି ନାହିଁ । ଅଥଚ ସେମାନେ ନିଜେ ସୃଷ୍ଟି ହୋଇଛନ୍ତି । ସେମାନେ ସମସ୍ତେ ମୃତ, ଜୀବିତ ନୁହନ୍ତି ଏବଂ ସେମାନେ ଏହା ମଧ୍ୟ ଜାଣନ୍ତି ନାହିଁ ଯେ, ସେମାନେ କେବେ ପୁନଃ ଉତ୍ଥିତ ହେବେ । ଉପରୋକ୍ତ ଆୟତ୍‌ରେ ଅଲ୍ଲାଃତାଲା ମୁସ୍‌ରିକମାନଙ୍କ (ଅଲ୍ଲାଃତାଲାଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା ବ୍ୟକ୍ତି) ଉକ୍ତ ଚିନ୍ତାଧାରାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଯେ, ମୁସରିକମାନେ ଏହା ମନେ କରନ୍ତି ଯେ, ସେମାନଙ୍କର ଉପାସ୍ୟମାନେ ସେମାନଙ୍କର ମନରେ ଥିବା କଥାକୁ ଜାଣନ୍ତି । ଅର୍ଥାତ୍ ସେମାନଙ୍କର ଉପାସ୍ୟମାନେ ଅନ୍ତର୍ଯାମୀ ଅଟନ୍ତି । ସେହି ପରିପ୍ରେକ୍ଷୀରେ ଅଲ୍ଲାଃତାଲା କୁହନ୍ତି ଯେ, ତୁମମାନଙ୍କ ଏହି ଦାବି ସଂପୂର୍ଣ୍ଣ ରୂପେ ଭ୍ରାନ୍ତ ଅଟେ । ଯିଏ ସ୍ରଷ୍ଟା ଅଟନ୍ତି ସେ ହିଁ ନିଜ ଦ୍ୱାରା ସୃଷ୍ଟ ଜୀବମାନଙ୍କର ଆଭ୍ୟନ୍ତରରେ ସାମର୍ଥ୍ୟ ଓ ଶକ୍ତି ତଥା ସେମାନଙ୍କର ଆବଶ୍ୟକତା ସହିତ ଅବଗତ ହୋଇଥାଆନ୍ତି । କିନ୍ତୁ ତୁମେମାନେ ଯେଉଁମାନଙ୍କୁ ଡାକୁଛ ସେମାନେ ସ୍ୱୟଂ ସମସ୍ତେ ଜୀବ ଏବଂ ପ୍ରଭୁଙ୍କ ଦ୍ୱାରା ସୃଷ୍ଟ ହୋଇଛନ୍ତି । ସେମାନେ ତୁମମାନଙ୍କର ଅବସ୍ଥା ସଂକ୍ରାନ୍ତରେ କିପରି ବା ଅବଗତ ଅଟନ୍ତି? ପୁନଶ୍ଚ ସେହି ଜୀବ ଅର୍ଥାତ୍ ମଣିଷମାନେ ଜୀବିତ ନୁହନ୍ତି । ତେଣୁ ସେମାନେ ତୁମକୁ କିପରି ସାହାଯ୍ୟ କରିବେ ? ସେମାନଙ୍କୁ ଏହା ଜ୍ଞାତ ନାହିଁ ଯେ, ସେମାନେ କେବେ ଉତ୍ଥିତ ହେବେ ? ଅର୍ଥାତ୍ ସେମାନଙ୍କର ପରିଣାମ ମଧ୍ୟ ଅନ୍ୟମାନଙ୍କ ହସ୍ତରେ ରହିଛି । ଏଭଳି ପରିସ୍ଥିତିରେ ଯଦି କୌଣସି ବ୍ୟକ୍ତି କବର ନିକଟକୁ ଯାଇ କବର ମଧ୍ୟସ୍ଥ ମୃତ ବ୍ୟକ୍ତିକୁ କିଛି ପରିବର୍ତ୍ତନ ବା ଚମତ୍କାର ଦେଖାଇବା ନିମନ୍ତେ ନିବେଦନ କରେ ତେବେ ସେହି ବ୍ୟକ୍ତି ସିର୍କ କରିଥାଏ ଅର୍ଥାତ୍ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କର ଦୋଷୀ ଅଟେ। ସେହିପରି ଯେଉଁ ବ୍ୟକ୍ତି ପ୍ରତିମା, ନଦ ନଦୀ, ପାହାଡ଼ ପର୍ବତ, ସାଗର, ସମୁଦ୍ର, ସୂର୍ଯ୍ୟ ଚନ୍ଦ୍ର, ତାରକା ଇତ୍ୟାଦିଙ୍କ ନିକଟରେ ନିଜର ମନସ୍କାମନା ପୂରଣ ହେବା ନିମନ୍ତେ ଗୁହାରି କରେ ଏବଂ ସେମାନଙ୍କ ସମ୍ମୁଖରେ ପ୍ରାର୍ଥନା କରେ ତେବେ ଏପରି କର୍ମ ସିର୍କରେ ପ୍ରବିଷ୍ଟ ଅଟେ ।

**ନବମ** : ସିର୍କର ନବମ କିସମ ଏହିପରି ଅଟେ ଯେ, ଏପରି କର୍ମ ଯାହାକି ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷକାରୀ ପ୍ରଥାର ନିଦର୍ଶନ ଅଟନ୍ତି କିନ୍ତୁ ତାହା ବର୍ତ୍ତମାନ ପରିସ୍ଥିତିରେ ସିର୍କ ସହିତ ସାମଞ୍ଜସ୍ୟତା ରଖନ୍ତି ନାହିଁ । ଯଦି ସେହି କର୍ମଗୁଡ଼ିକୁ ସ୍ୱଭାବତଃ ଅଯଥା ତଥା ଅନାବଶ୍ୟକ ରୂପେ ସମ୍ପାଦନ କରାଯାଏ। ଉଦାହରଣ ସ୍ୱରୂପ କୌଣସି ବ୍ୟକ୍ତି ମୃତ ବ୍ୟକ୍ତିର କବର ପାଖରେ ଦୀପ ଜାଳି ଆସେ, ସେ ସେହି କବରବାସୀ ଠାରୁ ଅର୍ଥାତ୍ କବର୍ ସମ୍ମୁଖରେ ଦୁଆ କରୁ ଅବା ନକରୁ (କବର୍ ନିକଟରେ ପ୍ରାର୍ଥନା କରୁ ବା ନକରୁ) କିମ୍ବା କବରବାସୀକୁ ସେ ଈଶ୍ୱର ବୋଲି ସ୍ୱୀକାର କରୁ ଅବା ନକରୁ । ଉକ୍ତ କର୍ମ ମଧ୍ୟ ସିର୍କ ମଧ୍ୟରେ ଗଣ୍ୟ ଓ ପ୍ରବିଷ୍ଟ ହେବ । କାରଣ ଉକ୍ତ କର୍ମ ପୂର୍ବ କାଳର ସିର୍କମୂଳକ କର୍ମର ଅବଶିଷ୍ଟାଂଶ ପ୍ରଥା ଅଟେ ।

ସେହି ଲୋକମାନେ ଏହା ଭାବନ୍ତି ଯେ, ମୃତ ବ୍ୟକ୍ତିମାନେ କବର ମଧ୍ୟକୁ ଫେରି ଆସନ୍ତି । ଅତଏବ୍ ଯେଉଁ ଲୋକମାନଙ୍କ ସଂପର୍କରେ ଏହା ଜ୍ଞାତ ହୁଏ ଯେ, ସେମାନେ କବର ମଧ୍ୟକୁ ଫେରି ଆସନ୍ତି ତେବେ ସେହି ଲୋକମାନଙ୍କ ପ୍ରତି ଏବଂ ସେମାନଙ୍କ କବର ପ୍ରତି ସେମାନେ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି । ସେହି ଲୋକମାନେ ଏହା ମନେକରନ୍ତି ଯେ, ଏହି ମୃତ ବ୍ୟକ୍ତିମାନେ ସେମାନଙ୍କୁ ସାହାଯ୍ୟ କରନ୍ତି ଏବଂ ସେମାନଙ୍କ କାର୍ଯ୍ୟଗୁଡ଼ିକୁ ସଂପୂର୍ଣ୍ଣ କରିଦେଇ ଥାଆନ୍ତି। ଅତଃ ଲୋକମାନେ କବର ଉପରେ ଦୀପ ଜାଳି ଦିଅନ୍ତି ଅବା ପୁଷ୍ପ ମାଲ୍ୟ ବା ପୁଷ୍ପ ଅର୍ପଣ କରିଦେଇ ଆସନ୍ତି । ସେହି ସ୍ମୃତିକୁ ସତେଜ ରଖିବା ମଧ୍ୟ ସିର୍କର ସାହାଯ୍ୟ କରିବା ସହିତ ସମକକ୍ଷ ଅଟେ । ତେଣୁ ଏହା ମଧ୍ୟ ସିର୍କ ମଧ୍ୟରେ ପ୍ରବିଷ୍ଟ ତଥା ଅନ୍ତର୍ଭୁକ୍ତ ଅଟେ। ସେହିପରି ବୃକ୍ଷରେ ବା ବୃକ୍ଷ ଡାଳରେ ସୂତା କିମ୍ବା ଦଉଡ଼ି ବାନ୍ଧିବା, କବର ଉପରେ ଚଦର ଚଢ଼ାଇବା ଏବଂ ଗୁଣୀ ଗାରେଡ଼ୀ କରିବା ଇତ୍ୟାଦି ପ୍ରସଙ୍ଗ ମଧ୍ୟ ଏହି ପ୍ରକାରର କର୍ମ ସିର୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି । ହୁଜୁର ର.ଅ (ହ. ଖଲିଫତୁଲ୍ ମସିହ୍ ସାନି ର.ଅ) କହିଲେ, ମୁଁ ଯେଉଁ କଥା କହିଲି କି ଏପରି କାର୍ଯ୍ୟ କରିବା ଅନାବଶ୍ୟକ ଓ ସ୍ୱଭାବତଃ ବର୍ଜିତ ଅଟେ। ତହିଁରୁ ଏହା ଯଥାର୍ଥ ଯେ, ଯଦି କୌଣସି ବ୍ୟକ୍ତି କେଉଁ ସ୍ଥାନକୁ ଗଲାବେଳେ ମାର୍ଗରେ ରାତ୍ର ସମୟ ହୋଇଯାଏ। ଯଦି ସେହି ବ୍ୟକ୍ତିକୁ ବାଧ୍ୟ ହୋଇ ଏକ କବର ସ୍ଥାନରେ ରହିବାକୁ ପଡ଼େ ତେବେ ଏହା ଆବଶ୍ୟକ ନୁହେଁ ଯେ, ବ୍ୟକ୍ତି ସେଠାରେ ଅନ୍ଧକାରରେ ହିଁ ବସି ରହୁ । ନା । ବରଂ ଯଦି ବତୀ ବା ଦୀପ ଜଳାଇ ଆଲୋକର ବ୍ୟବସ୍ଥା କରେ ତେବେ ଏହି କାର୍ଯ୍ୟ ବୈଧ ଓ ସ୍ୱୀକାର୍ଯ୍ୟ ଅଟେ ।

**ଦଶମ** : ସିର୍କର ଦଶମ କିସମ ଏହିକି ଯେ, କର୍ମ ହେଉ ଅବା ନହଉ (ଅର୍ଥାତ୍ କର ବା ନକର) କିନ୍ତୁ ହୃଦୟରେ ଯଦି ପ୍ରେମ, ସମ୍ମାନ, ଭୟ, ଆଶାର ଉତ୍ସାହ ତଥା ଆକାଂକ୍ଷା ଥାଏ । ଲୋକମାନଙ୍କ ସଂପର୍କରେ ଈଶ୍ୱରଙ୍କ ଅପେକ୍ଷା ସେହି ମୃତ ବ୍ୟକ୍ତିକୁ ଈଶ୍ୱରଙ୍କ ସମକକ୍ଷ ରଖାଯାଏ ତେବେ ତାହା ମଧ୍ୟ ସିର୍କ ଅଟେ ।

ପୂର୍ଣ୍ଣ ଏକେଶ୍ୱରବାଦୀ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ସିର୍କର ସମସ୍ତ ପ୍ରକାରରୁ ବର୍ତ୍ତିବାକୁ ଚେଷ୍ଟା କରେ ଓ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦ ହେବା ଉପରେ ସତ୍‌ହୃଦୟ ହୋଇ ବିଶ୍ୱାସ ଆଣୁ । ସତ୍ୟ ଏହିକି ଯେ, ସିର୍କ ମନୁଷ୍ୟର ଦୃଷ୍ଟିକୋଣକୁ ସଂକୀର୍ଣ୍ଣ ଓ ସୀମିତ କିରଦେଇଥାଏ । ସିର୍କ ମନୁଷ୍ୟର ମହତ୍ତ୍ୱକୁ ହ୍ରାସ ବା ନ୍ୟୁନ କରିଦେଇଥାଏ ଏବଂ ବ୍ୟକ୍ତିର ଅଭିପ୍ରାୟକୁ ତୁଚ୍ଛ କରିଦେଇଥାଏ । ମୁସ୍‌ରିକ୍ (ଈଶ୍ୱରଙ୍କ ସହିତ ସମକକ୍ଷ କରୁଥିବା ବ୍ୟକ୍ତି) ଏହା ମନେକରିଥାଏ ଯେ, ସେ ସିଧା ସଳଖ ତ' ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ ଏବଂ ତା'କୁ କୌଣସି ଏକ ମାଧ୍ୟମର ଆବଶ୍ୟକତା ରହିଛି । କିନ୍ତୁ ଅଲ୍ଲାଃତାଲା ନିଜ ମଧ୍ୟରେ ଓ ମନୁଷ୍ୟ ମଧ୍ୟରେ କୌଣସି ମାଧ୍ୟମ ବା ସହାୟକକୁ ରଖି ନାହାନ୍ତି । ସମସ୍ତ ମନୁଷ୍ୟମାନଙ୍କ ନିମନ୍ତେ ସେ ନିଜର ସାମୀପ୍ୟତାର ଦ୍ୱାର ଉନ୍ମୁକ୍ତ (ଖୋଲା) ରଖିଛନ୍ତି । ଯେଉଁ ବ୍ୟକ୍ତି ଚାହିଁବ ସେ ପ୍ରଭୁଙ୍କ ସେହି ଦ୍ୱାର ମଧ୍ୟରେ ଅବାଧରେ ପ୍ରବେଶ କରିପାରିବ। ନିଃସନ୍ଦେହ ରୂପେ ଜଣେ ସଂସାରିକ ସମ୍ରାଟ୍ ପକ୍ଷେ ସମସ୍ତ ପ୍ରଜାମାନଙ୍କ ସହିତ ସଂପର୍କ ରଖିବା ସମ୍ଭବପର ହୋଇ ନଥାଏ । କିନ୍ତୁ ଈଶ୍ୱରଙ୍କ ଶକ୍ତି ସୀମିତ ନୁହେଁ ବରଂ ତାହା ଅସୀମ ଅଟନ୍ତି । ତାହାଙ୍କ ଶକ୍ତି ଓ ତାହାଙ୍କ ସାମର୍ଥ୍ୟ ମଧ୍ୟରେ ଉକ୍ତ କଥା ପ୍ରବିଷ୍ଟ ନୁହେଁ ଯେ, ସେ ସମସ୍ତଙ୍କ ସହିତ ସିଧା ସଳଖ ସଂପର୍କ ରଖିବେ ଓ ସେମାନଙ୍କୁ ନିଜର ସାମୀପ୍ୟତା ପ୍ରଦାନ କରିବେ । **(ତଫ୍‌ସିର୍ କବିର୍, ଭାଗ-6, ପୃ-43, ପ୍ରକାଶନ ସ୍ଥାନ-କାଦିଆନ, 2010 ମସିହା)**

☆--☆--☆

## ପବିତ୍ର କୁରଆନରେ ବର୍ଣ୍ଣିତ ନାରୀ ସଂପର୍କିତ ସଂକ୍ଷିପ୍ତ କଥା

ନାରୀମନଙ୍କ ଅଧିକାରକୁ ସାବ୍ୟସ୍ତ କରିବାରେ ଏବଂ ସେମାନଙ୍କୁ ଜନସମାଜରେ ଏକ ସମ୍ମାନଜନକ ପଦ ମର୍ଯ୍ୟାଦା ପ୍ରଦାନ କରିବାରେ ପବିତ୍ର କୁରଆନ୍ କରୀମ୍ ସମସ୍ତ ଦିବ୍ୟ ଗ୍ରନ୍ଥମାନଙ୍କ ମଧ୍ୟରେ ବୈଶିଷ୍ଟ୍ୟ ଲାଭ କରିଅଛି । ପବିତ୍ର କୁରଆନ୍ ଏକମାତ୍ର ଦିବ୍ୟ ଗ୍ରନ୍ଥ ଯାହା ଉତ୍ତରାଧିକାର ସୂତ୍ରେ ନାରୀମାନଙ୍କ ଅଧିକାରକୁ ସୁରକ୍ଷା କରିବା ଭଳି ଉତ୍ତରାଧିକାର ଆଇନକୁ ଅତ୍ୟନ୍ତ ସ୍ୱଷ୍ଟ ତଥା ପ୍ରାଞ୍ଜଳ ଭାବରେ ଉଲ୍ଲେଖ କରିଛି । ☆--☆--☆

## (ଖୁତ୍‌ବା ଜୁମା)

ଆଁହଜରତ ସ.ଅଙ୍କ ଓହୋଦ୍ ଯୁଦ୍ଧ ନିମନ୍ତେ ବାହାରିବା ବେଳେ ସମ୍ମୁଖୀନ ହୋଇଥିବ ଘଟଣାବଳୀର ଚର୍ଚ୍ଚା ।

---

ଈଶ୍ୱରଙ୍କ ଅବତାରଙ୍କ ମର୍ଯ୍ୟାଦା ଠାରୁ ଏହା ଦୂର ଅଟେ (ଅର୍ଥାତ୍ ତାହାଙ୍କ ମର୍ଯ୍ୟାଦା ବିପରୀତ ଓ ବିରୁଦ୍ଧୀୟ) ଯେ, ଅଲ୍ଲାଃତାଲା କୌଣସି ନିର୍ଣ୍ଣୟ କରିବା ପୂର୍ବରୁ ସେ (ଅବତାର) ଅସ୍ତ୍ରଶସ୍ତ୍ର ପରିଧାନ (ପିନ୍ଧିବା) କରିବା ପରେ ପୁନଃ ତାହାକୁ ଓହ୍ଲାଇ ଦେଉ । ସୁତରାଂ ବର୍ତ୍ତମାନ ଅଲ୍ଲାଃତାଲାଙ୍କ ନାମ ନେଇ ଆଗେଇ ଚାଲ । ତୁମେମାନେ ଯଦି ଧୈର୍ଯ୍ୟ ପ୍ରଦର୍ଶନ କଲ ତେବେ ଏହି ବିଶ୍ୱାସ ରଖ କି ଅଲ୍ଲାଃତାଲା ତୁମମାନଙ୍କୁ ଅବଶ୍ୟ ସାହାଯ୍ୟ କରିବେ ।"

---

ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଯେତେବେଳେ ଲୌହ କବଚ ପରିଧାନ କରିନେଇଥାଏ ସେତେବେଳେ ସେ ଆଉ ସେହି ଲୌହ କବଚକୁ ଓହ୍ଲାଇ ନଥାଏ । ସେ ଯାହା ହେଉ ପଛେ ସେ ଅର୍ଥାତ୍ ଲ୍ଲାଃତାଲାଙ୍କ ବାର୍ତ୍ତାବହ ଏହା ହିଁ କହିଥାନ୍ତି ଯେ, ଆମାମେନ ଆଗକୁ ହିଁ ଅଗ୍ରସର ହେବୁ । ତୁମେମାନେ ଯଦି ଧୈର୍ଯ୍ୟ ପ୍ରଦର୍ଶନ କଲ ତେବେ ତୁମମାନଙ୍କୁ ଈଶ୍ୱରଙ୍କ ସାହାଯ୍ୟ ଅବଶ୍ୟ ପ୍ରାପ୍ତ ହେବ । ଆମେମାନେ ଅବିଶ୍ୱାସକାରୀଙ୍କ ବିରୁଦ୍ଧରେ ଅବଜ୍ଞାକାରୀମାନଙ୍କ ଠାରୁ ସାହାଯ୍ୟ ଲୋଡ଼ିବୁ ନାହିଁ ।

---

ଓହୋଦ୍ ପର୍ବତର ଉପତ୍ୟକାରେ ଆଁହଜରତ ସ.ଅଙ୍କ ସାହାବାମାନଙ୍କୁ ସମ୍ବୋଧନ କରିବା । ତୁମେମାନେ ଜିହାଦ୍ (ଧର୍ମଯୁଦ୍ଧ) ପ୍ରସଙ୍ଗରେ ଧୈର୍ଯ୍ୟ ପ୍ରଦର୍ଶନ କରି ନିଜର କର୍ମର ପ୍ରାରମ୍ଭ କର ଏବଂ ଏହି କର୍ମ ତଥା ଜିହାଦ୍ ମାଧ୍ୟମରେ ଅଲ୍ଲାଃତାଲାଙ୍କ ଅଙ୍ଗୀକାର ଏବଂ ପ୍ରତିଶ୍ରୁତିକୁ ଅନ୍ୱେଷଣ (ଖୋଜିବାକୁ ଚଷ୍ଟା ) କର । ମୁଁ ତୁମମାନଙ୍କୁ ଯେଉଁ କାର୍ଯ୍ୟ କରିବା ନିମନ୍ତେ ଆଦେଶ ଦେବି ତେବେ ସେଥି ସଂକ୍ରାନ୍ତରେ ତୁମେମାନଙ୍କ ପକ୍ଷେ ମୋର ଆଦେଶ ପାଳନ କରିବା ବିଧେୟ ଅଟେ । କାରଣ ମୁଁ ତୁମମାନଙ୍କ ମାର୍ଗଦର୍ଶନ ପ୍ରାପ୍ତକାରୀ ହେବା ନିମନ୍ତେ ଉଦଗ୍ରୀବ, ବ୍ୟଗ୍ର ତଥା ଆଶାବାଦୀ ଅଟେ ।

---

ନିଃସନ୍ଦେହ ରୂପେ ମତଭେଦ, କଳହ ବିନୀତତା ଏସବୁ ଦୁର୍ବଳତାର ପ୍ରତୀକ ଅଟନ୍ତି । ଅଲ୍ଲାଃତାଲା ଏସବୁକୁ ଆଦୌ ପସନ୍ଦ କରନ୍ତି ନାହିଁ । ଅଲ୍ଲାଃତାଲାଙ୍କ ନିକଟରେ  ଯେଉଁ ବସ୍ତୁ ରହିଛି ସେହି ବସ୍ତୁ ଉପରେ ଭକ୍ତ ବା ବ୍ୟକ୍ତି ଅଲ୍ଲାଃତାଲାଙ୍କ ଆଜ୍ଞାପାଳନ ମାଧ୍ୟମରେ ସକ୍ଷମ ଓ ସାମର୍ଥ ପ୍ରାପ୍ତ କରିପାରିବ । ଜଣେ ବିଶ୍ୱାସକାରୀ ବ୍ୟକ୍ତି ଅନ୍ୟ ସମସ୍ତ ବିଶ୍ୱାସକାରୀଙ୍କ ମଧ୍ୟରୁ ଏପରି ଏକ ବିଶ୍ୱାସକାରୀ ବ୍ୟକ୍ତି ଅଟେ ଯେପରି ମସ୍ତିଷ୍କ ଶରୀର ସହିତ ସଂଲଗ୍ନ ହୋଇଥାଏ । ଯେତେବେଳେ ମୁଣ୍ଡରେ ବ୍ୟଥା ଓ ଯନ୍ତ୍ରଣା ଅନୁଭୂତ ହୁଏ ସେତେବେଳେ ସମସ୍ତ ଶରୀରରେ ବ୍ୟଥା ଏବଂ ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଉପରୋକ୍ତ କଥାକୁ ଆଜି ଯଦି ମୁସଲମାନମାନେ ବୁଝି ପାରନ୍ତେ ତେବେ କୌଣସି ଶତ୍ରୁକୁ ସେମାନଙ୍କ (ମୁସଲମାନମାନଙ୍କ) ଆଡ଼କୁ ଆଖି ଉଠାଇ ଦେଖିବାକୁ ସାହାସ କରନ୍ତା ନାହିଁ ।

---

ହୁଜୁର ଅନ୍‌ଓ୍ୱର୍ ଅ.ବଙ୍କ ଜମାଅତର ସଦସ୍ୟବୃନ୍ଦଙ୍କୁ ପାଲେଷ୍ଟାଇନ୍‌ର ନିଷ୍ପେଷିତ, ଅତ୍ୟାଚାରିତ ବାସୀମାନଙ୍କ ନିମନ୍ତେ ବାରମ୍ବାର ଦୁଆ କରିବାକୁ ଆହ୍ୱାନ । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି, ବିଗତ ଦିନମାନଙ୍କରେ ଯୁଦ୍ଧ ସମାପ୍ତ ହେବା ପରେ ଇସ୍ରାଇଲୀୟ ସରକାର ପୁନଃ ସେହି ନିରୀହ ପାଲେଷ୍ଟାଇନ୍ ନାଗରିକଙ୍କ ଉପରେ ପୂର୍ବ ଅପେକ୍ଷା ଅଧିକ ଗାଜାର ଅଞ୍ଚଳରେ ବୋମା ବର୍ଷଣ ଓ ଆକ୍ରମଣ କରୁଛି । ଏହି ଯୁଦ୍ଧ ଓ ବୋମା ବର୍ଷଣ ଫଳରେ ନିରୀହ ଛୋଟ ପିଲାମାନେ ଏବଂ ସାଧାରଣ ନାଗରିକମାନେ ଶହୀଦ୍ ହେଉଛନ୍ତି । ମୁସଲମାନ ଦେଶମାନଙ୍କର କଣ୍ଠରେ କିଛିଟା ଉଚ୍ଚ ସ୍ୱର ସୃଷ୍ଟି ହେଉଛି । କିନ୍ତୁ ଯେତେବେଳେ ଏକ ହୋଇ ଯୁଦ୍ଧ ବନ୍ଦ କରିବା ନିମନ୍ତେ ଚେଷ୍ଟା କରାଯାଇ ନାହିଁ ସେପର୍ଯ୍ୟନ୍ତ କୌଣସି ଲାଭ ହେବ ନାହିଁ । ଅଲ୍ଲାଃତାଲା ମୁସଲମାନମାନଙ୍କ ମଧ୍ୟରେ ମଧ୍ୟ ଏକତା ସୃଷ୍ଟି କରନ୍ତୁ । ଅଲ୍ଲାଃତାଲା କରନ୍ତୁ କି ମୁସଲମାନମାନେ ଏକ ହୋଇ ସଂସାରରୁ ଅନ୍ୟାୟ ଓ ଅତ୍ୟାଚାର ସମାପ୍ତ କରିବାରେ ସହାୟକ ହୁଅନ୍ତୁ । ନା କି ପରସ୍ପର ମଧ୍ୟରେ କଳହ କରନ୍ତୁ, ପରସ୍ପର ପ୍ରତି ଅନ୍ୟାୟ ଅବିଚାର ଏବଂ ଅତ୍ୟାଚାର କରନ୍ତୁ ।

---

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ଉକ୍ତ ଅନ୍ୟାୟକୁ ରୋକିବା ନିମନ୍ତେ ପୂର୍ବେ ମଧ୍ୟ ମୁଁ ଜମାଅତ୍‌ମାନଙ୍କ ମାଧ୍ୟମରେ ଏହି ବାର୍ତ୍ତା ପ୍ରେରଣ କରିଅଛି ଯେ, ଆମମାନଙ୍କୁ ଦୁଆର ସହିତ ନିଜ ପରିଧି ବଳୟ ମଧ୍ୟରେ ବାସ କରୁଥିବା ଲୋକମାନେ ଏବଂ ନିଜ ଅଞ୍ଚଳର ରାଜନୈତିକ ନେତୃବୃନ୍ଦମାନଙ୍କୁ ଅତ୍ୟାଚାର ସମାପ୍ତ କରିବା ନିମନ୍ତେ ସ୍ୱରୋତ୍ତୋଳନ କରିବା ସକାଶେ ଅହରହ ଧ୍ୟାନ ଆକର୍ଷଣ କରିବା ଉଚିତ୍ । ସେହିପରି ନିଜ ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ମଧ୍ୟ ଉକ୍ତ କଥା ପ୍ରଚାର କରନ୍ତୁ କି ଉକ୍ତ ଅନ୍ୟାୟ ଓ ଅତ୍ୟାଚାରକୁ ସମାପ୍ତ କରିବା ନିମନ୍ତେ ଆମମାନଙ୍କୁ ଉଦ୍ୟମ କରିବା ଉଚିତ୍ । ଅଲ୍ଲାଃତାଲା ନିରୀହ ଲୋକମାନଙ୍କୁ ଅତ୍ୟାଚାରରୁ ରକ୍ଷା କରନ୍ତୁ ।

---

ହଲାଣ୍ଡର ମୁବଲ୍ଲିଗ୍ ସିଲ୍‌ସିଲା ଶ୍ରୀମାନ୍ ଅବ୍‌ଦୁଲ୍ ହକିମ୍ ଅକ୍‌ମଲ୍ ସାହେବଙ୍କ ପତ୍ନି ଶ୍ରୀମତୀ ସ୍ୱର୍ଗତା ମସ୍‌ଉଦା ବେଗମ୍ ଅକମଲ୍ ସାହେବା ଓ ସ୍ୱର୍ଗତ ମାଷ୍ଟର ଅବ୍‌ଦୁଲ୍ ମଜିଦ୍ ସାହେବ (ୱାକ୍‌ଫେ ଜିନ୍ଦିଗୀ ତଥା ରବ୍‌ୱା ସ୍ଥିତ ତାଲିମୁଲ୍ ଇସ୍‌ଲାମ୍ ହାଇସ୍କୁଲର ଶିକ୍ଷକ)ଙ୍କ ଉତ୍ତମ ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 08 DECEMBER 2023 ମସିହା ଅନୁଯାୟୀ ୦୮/ଫତହ୍ ୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦରର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ଓ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ:  ବିଗତ ଖୁତ୍‌ବା ଜୁମାରେ ଓହୋଦ୍ ଯୁଦ୍ଧ ସଂପର୍କରେ ଚର୍ଚ୍ଚା ଚାଲିଥିଲା । ଏଥି ସଂକ୍ରାନ୍ତରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଯେଉଁ ସଂକ୍ଷିପ୍ତ ଚର୍ଚ୍ଚା କରିଛି ତାହା ମୁଁ ଏଠାରେ ଆଲୋଚନ କରି ଦେଉଛି। ଆପଣ ର.ଅ କୁହନ୍ତି, ବଦର୍ ଯୁଦ୍ଧ ପରେ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ରଣାଙ୍ଗନ (ଯୁଦ୍ଧଭୂମି)ରୁ ପଳାୟନ କରି ଏହି ଘୋଷଣା କଲା ଯେ, ଯଦି ଆସନ୍ତା ବର୍ଷ ଆମେମାନେ ପୁନଃ ମଦିନା ଉପରେ ପୁନଃ ଆକ୍ରମଣ କରିବୁ ଏବଂ ମୁସଲମାନମାନଙ୍କ ଠାରୁ ନିଜ ପରାଜୟର ପ୍ରତିଶୋଧ ନେବୁ । ସୁତରାଂ ଏକ ବର୍ଷ ପରେ ସେମାନେ ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ମଦିନା ଉପରେ ଆକ୍ରମଣ କଲେ। ମକ୍କାବାସୀଙ୍କ କ୍ରୋଧର ଏହି ଅବସ୍ଥା ଥିଲା ଯେ, ବଦର୍ ଯୁଦ୍ଧ ପରେ ସେମାନେ ଏହି ଘୋଷଣା କରିଥିଲେ ଯେ, କୌଣସି ବ୍ୟକ୍ତିକୁ ନିଜର ଆତ୍ମୀୟ ମୃତକ ବ୍ୟକ୍ତି ପାଇଁ ରୋଦନ ତଥା ବିଳାପ କରିବା ପାଇଁ ଅନୁମତି ନାହିଁ । ଯେଉଁ ବାଣିଜ୍ୟିକ ଯାତ୍ରୀ ସମୂହମାନେ ଆସିବ ସେମାନଙ୍କ ଠାରୁ ପ୍ରାପ୍ତ ଆୟ ଆଗାମୀ ଯୁଦ୍ଧ ନିମନ୍ତେ ସଞ୍ଚୟ କରି ରଖି ନିଆଯାଉ। ସୁତରାଂ ଅନେକ ପ୍ରଚେଷ୍ଟା ତଥା ପ୍ରସ୍ତୁତି ପରେ 3000ରୁ ଉର୍ଦ୍ଧ୍ୱ ସିପାହୀ ବିଶିଷ୍ଟ ଏକ ସୈନ୍ୟଦଳ ଅବୁ ସୁଫିୟାନ୍‌ର ନେତୃତ୍ୱରେ ମଦିନା ଉପରେ ଆକ୍ରମଣ କଲେ । ସୁତରାଂ ରସୁଲୁଲ୍ଲାଃ ସ.ଅ ସାହାବାମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ଯେ, ହେ ସାହାବାମାନେ ! କ'ଣ ଆମମାନଙ୍କୁ ମଦିନା ଭିତରେ ରହି ଲଢ଼ିବା ଉଚିତ୍ ନା ମଦିନା

ବାହାରେ ଯାଇ ଯୁଦ୍ଧ ଲଢିବା ଉଚିତ୍ ? ଆଁହଜରତ ସ.ଅଙ୍କ ଏହି ଧାରଣା ଥିଲା କି ଶତ୍ରୁ ପକ୍ଷକୁ ଆକ୍ରମଣ କରିବାକୁ ଦିଆଯାଉ । କାରଣ ଯୁଦ୍ଧର ପ୍ରାରମ୍ଭକାରୀ ଏବଂ ଦୋଷୀ ସେହିମାନେ ହିଁ ହୁଅନ୍ତୁ । ମୁସଲମାନମାନେ ନିଜ ଘରେ ବସି ଉକ୍ତ ଯୁଦ୍ଧର ମୁକାବିଲା ଅତି ସହଜରେ କରିପାରିବେ। କିନ୍ତୁ ଯେଉଁ ଯୁବକଙ୍କୁ ବଦର୍ ଯୁଦ୍ଧରେ ଅଂଶ୍ ଗ୍ରହଣ କରିବାର ସୁଯୋଗ ପ୍ରାପ୍ତ ହୋଇ ନଥିଲା ଏବଂ ଯେଉଁ ଯୁବକମାନଙ୍କ ମଧ୍ୟରେ ଏହି ଏବି ଅବଶୋଷ ରହିଯାଇଥିଲା ଯେ, ସେମାନଙ୍କୁ ମଧ୍ୟ ଈଶ୍ୱରଙ୍କ ମାର୍ଗରେ ବୀରଗତି ପ୍ରାପ୍ତ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହେଉ । ଅତଃ ସେମାନେ ଏହି ହଠ (ଜିଦ୍) କଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆମମାନଙ୍କୁ କାହିଁକି ଶାହାଦତ୍‌ରୁ ବଞ୍ଚିତ କରାଯାଉଛି? ସୁତରାଂ ଆପଣ ସ.ଅ ସେହି ଯୁବକମାନଙ୍କର କଥାକୁ ସ୍ୱୀକାର କରିନେଲେ । ସେମାନଙ୍କ ଠାରୁ ପରାମର୍ଶ ନେବା ସମୟରେ ଆପଣ ସ.ଅ ନିଜର ଏକ ସ୍ୱପ୍ନ ମଧ୍ୟ ଶୁଣାଇଲେ । ଆପଣ ସ.ଅ କହିଲେ, ହେ ଯୁବକମାନେ ! ସ୍ୱପ୍ନରେ ମୁଁ କେତେକ ଗାଈମାନଙ୍କୁ ଦେଖିଅଛି । ସେହିପରି ମୁଁ ଏହା ମଧ୍ୟ ଦେଖିଲି ଯେ, ମୋ ଖଡ଼ଗ୍‌ର ମୁନ ଭାଙ୍ଗି ଯାଇଛି । ମୁଁ ଏହା ମଧ୍ୟ ଦେଖିଲି ଯେ, ଯେଉଁ ଗାଈମାନଙ୍କୁ ମୁଁ ସ୍ୱପ୍ନରେ ଦେଖିଥିଲି ସେମାନଙ୍କୁ ଜେବହ୍ କରାଯାଉଛି । ଏତଦ୍‌ପରେ ମୁଁ ନିଜର ହସ୍ତକୁ ଏକ ଦୃଢ ଏବଂ ସୁରକ୍ଷିତ ଲୌହ କବଚ ମଧ୍ୟରେ ପ୍ରବେଶ କରାଉଛି । ମୁଁ ଏହା ଦେଖିଲି ଯେ, ମୁଁ ଏକ ମେଣ୍ଢାର ପିଠି ଉପରେ ଆରୋହଣ ହୋଇଅଛି । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଏହିସବୁ ସ୍ୱପ୍ନର କ'ଣ ସବୁ ଅର୍ଥ ବାହାର କଲେ ? ଆପଣ ସ.ଅ କହିଲେ, ଗାଈ ଜେବହ୍ ହେବାରୁ ଏହା ଯଥାର୍ଥ ଯେ, ମୋର କେତେକ ପ୍ରିୟ ସାହାବାମାନେ ବୀରଗତି ପ୍ରାପ୍ତ କରିବେ। ଖଡ଼ଗ ମୁନ ଭାଙ୍ଗିବାର ଅର୍ଥ ଏହିକି ଯେ, ଏହା ପ୍ରତିତ ହେଉଛି ଯେ, ମୋର ଆତ୍ମୀୟ ସ୍ୱଜନମାନଙ୍କ ମଧ୍ୟରୁ କୌଣସି ପ୍ରମୁଖ ବ୍ୟକ୍ତି ବୀରଗତି ପ୍ରାପ୍ତ କରିବେ । ସମ୍ଭବତଃ ମୋତେ ଉକ୍ତ ଅଭିଯାନରେ କୌଣସି କ୍ଷତି ପହଞ୍ଚିବ । ସେହିପରି ଲୌହ କବଚ ମଧ୍ୟରେ ହାତ ପ୍ରବେଶ କରିବାର ଅର୍ଥ ଏହିକି ଯେ, ମଦିନା ମଧ୍ୟରେ ଆମମାନଙ୍କର ରହିବା ଅଧିକ ଉପଯୁକ୍ତ ହେବ । ହୁଜୁର ସ.ଅ ଶେଷ ସ୍ୱପ୍ନର ଏହି ଅର୍ଥ କଲେ ଯେ, ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀର ଅଧିପତିମାନଙ୍କ ଉପରେ ଆମେମାନେ ବିଜୟ ପ୍ରାପ୍ତ କରିବୁ । ଅର୍ଥାତ୍ ଆମେମାନେ ସେମାନଙ୍କୁ ପରାସ୍ତ କରିବୁ ଏବଂ ସେମାନେ ମୁସଲମାନମାନଙ୍କ ହସ୍ତରେ ନିହତ ହେବେ ।

ଅତଏବ୍ ଉକ୍ତ ସ୍ୱପ୍ନରେ ମୁସଲମାନମାନଙ୍କ ଉପରେ ଏହା ସ୍ୱଷ୍ଟ କରି ଦିଆଯାଇଥିଲା ଯେ, ମଦିନାରେ ସେମାନଙ୍କର ରହିବା ସେମାନଙ୍କ ପକ୍ଷେ ଉତ୍ତମ ହେବ । କାରଣ ଆଁହଜରତ୍ ସ.ଅ ସ୍ୱପ୍ନର ଅର୍ଥ ପ୍ରକାଶ କରିଥିଲେ । ଉକ୍ତ ସ୍ୱପ୍ନଟି ଐଶୀବାଣୀ ନଥିଲା । ଆପଣ ସ.ଅ ଅନେକ ସାହାବାମାନଙ୍କର ମତକୁ ସ୍ୱୀକାର କଲେ ଏବଂ ଯୁଦ୍ଧ କରିବା ନିମନ୍ତେ ମଦିନା ବାହାରକୁ ଯାଇ ଲଢିବା ନିମନ୍ତେ ନିଷ୍ପତ୍ତି ନେଲେ । **(ଦିବାଚା ତଫସିରୁଲ୍ କୁରଆନ୍, ଅନୱାରୁଲ୍ ଉଲୁମ୍, ଭାଗ-20, ପୃ-247-248)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ଉକ୍ତ ସ୍ୱପ୍ନ ସଂକ୍ରାନ୍ତରେ ପୂଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଇସ୍ତିଆରା (ରୂପକ) (ଅମୂର୍ତ୍ତ ବସ୍ତୁର ସାକାର ରୂପ)ର ଚର୍ଚ୍ଚା କରି କୁହନ୍ତି, ଆଁହଜରତ ସ.ଅ ସ୍ୱପ୍ନ ଏବଂ ଆତ୍ମଶକ୍ତି ତଥା ଦିବ୍ୟ ଦୃଷ୍ଟିର ବର୍ଣ୍ଣନାରେ ଯେଉଁ ରୂପକ ଅର୍ଥ ଦେଖିବାକୁ ମିଳେ ସେହି ରୂପକ ହଦିସ୍ ପାଠକାରୀମାନଙ୍କ ସମ୍ମୁଖରେ ଅଗୋଚର ଏବଂ ଲୁକ୍କାୟିତ ହୋଇ ରହି ନାହିଁ । ଆଁହଜରତ ସ.ଅଙ୍କୁ ଦିବ୍ୟଦୃଷ୍ଟି ଏବଂ ସ୍ୱପ୍ନରେ ନିଜ ହସ୍ତରେ ସ୍ୱର୍ଣ୍ଣ କଙ୍କଣ ପରିଧାନ କରିଥିବାର ଦୃଶ୍ୟମାନ ହୋଇଥିଲା । ତେଣୁ ଉକ୍ତ ସ୍ୱପ୍ନର ସ୍ୱପ୍ନ ଫଳ ଅର୍ଥାତ୍ ସ୍ୱପ୍ନାର୍ଥ ଦୁଇ ଜଣ ମିଥ୍ୟାବାଦୀ ଯଥାର୍ଥ ନିଆଯାଇଥିଲା। ସେହି ଦୁଇଜଣ ମିଥ୍ୟାବାଦୀମାନେ ମିଥ୍ୟା ରୂପେ ଅବତାରତ୍ୱର ଦାବି କରିଥିଲେ । ସେହିପରି ଆପଣ ସ.ଅ ନିଜର ସ୍ୱପ୍ନ ଏବଂ ଦିବ୍ୟ ଦୃଷ୍ଟି ବଳରେ ଗାଈମାନଙ୍କୁ ଜେବହ୍ ହେଉଥିବା ଦୃଶ୍ୟମାନ ହୋଇଥିଲା । ତହିଁରୁ ଯଥାର୍ଥ ସାହାବାମାନେ ଥିଲେ ଯେଉଁମାନେ ଓହୋଦ୍ ଯୁଦ୍ଧରେ ଗାଈ ଗୋରୁଙ୍କ ପରି ବୀରଗତି ପ୍ରାପ୍ତ କଲେ । ଠିକ୍ ସେହିପରି ଏପରି ଅନେକ ଦୃଷ୍ଟାନ୍ତ ରହିଛି ଯାହାକି ଅନ୍ୟ ଅବତାରମାନଙ୍କର ସ୍ୱପ୍ନରେ ମଧ୍ୟ ଉଲ୍ଲିଖିତ ଥିବାର ଦେଖିବାକୁ ମିଳେ । ଅର୍ଥାତ୍ ପ୍ରକାଶ୍ୟ ରୂପେ ସେମାନଙ୍କ ସମ୍ମୁଖରେ କିଛିଟା ପ୍ରକାଶ କରିଦିଆଗଲା କିନ୍ତୁ ବାସ୍ତବରେ ତହିଁରୁ ଆଉ କିଛି ଯଥାର୍ଥ ରହିଥିଲା । ସୁତରାଂ ଅବତାରମାନଙ୍କର ବାଣୀରେ ଇସ୍ତିଆରା ଅର୍ଥାତ୍ ରୂପକ ଏବଂ ଲକ୍ଷଣାର୍ଥର ପ୍ରବିଷ୍ଟ ହେବା କୌଣସି ଯଦାକଦା (ଅଦିନିଆ) ପ୍ରସଙ୍ଗ ନୁହଁ ।

**(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-133, ବି.ଦ୍ର)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଆଁହଜରତ ସ.ଅ ଯେତେବେଳେ ମଦିନା ବାହାରକୁ ବାହାରି ଯୁଦ୍ଧ ଲଢିବାର ନିଷ୍ପତ୍ତି ନେଲେ ସେତେବେଳେ ଆଁହଜରତ ସ.ଅ ସାହାବାମାନଙ୍କୁ ପ୍ରସ୍ତୁତ ହେବା ନିମନ୍ତେ ନିର୍ଦ୍ଦେଶ ଦେଲେ ଓ ଆପଣ ସ.ଅ ସ୍ୱୟଂ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଘଟଣାବଳୀର ବିସ୍ତୃତ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅଙ୍କୁ ସ୍ୱପ୍ନ ଅନୁଯାୟୀ ମଦିନା ସହର ବାହାରେ ଯାଇ ଯୁଦ୍ଧ ଲଢ଼ିବାକୁ ଭଲ ଲାଗୁ ନଥିଲା । କିନ୍ତୁ ଲୋକମାନେ ଯେତେବେଳେ ନିୟମିତ ରୂପେ ହଠ (ଜିଦ୍) କଲେ ସେତେବେଳେ ଆପଣ ସ.ଅ ସେମାନଙ୍କ ରାୟ ସହିତ ଏକମତ ହେଲେ । ଆପଣ ସ.ଅ ଶୁକ୍ରବାର ନମାଜ ପାଠ କରାଇଲେ ଏବଂ ଲୋକମାନଙ୍କ ସମ୍ମୁଖରେ ଉପଦେଶ ଦେଲେ ଏବଂ ସେମାନଙ୍କୁ ଆଦେଶ ଦେଲେ ଯେ, ସେମାନେ ପୂର୍ଣ୍ଣ ରୂପେ ସୁସ୍ଥ ମନା ହୋଇ ଏବଂ ସତ୍‌ସାହାସର ସହିତ ଯୁଦ୍ଧ ଲଢନ୍ତୁ । ଆଁହଜରତ ସ.ଅ ସେହି ଯୁବକମାନଙ୍କୁ ଶୁଭ ସମାଚାର ପ୍ରଦାନ କଲେ ଯେ, ଲୋକମାନେ ଯଦି ଧୈର୍ଯ୍ୟ ପ୍ରଦର୍ଶନ କରନ୍ତି ତେବେ ଅଲ୍ଲାଃତାଲା ସେମାନଙ୍କୁ ଅବଶ୍ୟ ବିଜୟ ମଣ୍ଡିତ କରିବେ । ପୁନଶ୍ଚ ଆପଣ ସ.ଅ ସେହି ଲୋକମାନଙ୍କୁ ଆଦେଶ ଦେଲେ ଯେ, ସେମାନେ ଯାଇ ଯୁଦ୍ଧ ଲଢିବା ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ । ଉକ୍ତ ଆଦେଶ ଶୁଣି ଲୋକମାନେ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ । ଏତଦ୍‌ପରେ ଆପଣ ସ.ଅ ସମସ୍ତଙ୍କ ସହିତ ନମାଜେ ଅସର ପାଠ କଲେ ସେତେବେଳ ପର୍ଯ୍ୟନ୍ତ ଲୋକମାନେ ମଧ୍ୟ ଏକତ୍ରିତ ହୋଇଗଲେ ଯେଉଁମାନେ କି ଆଖପାଖରୁ ଆସିଥିଲେ। ଏତଦ୍‌ପରେ ରସୁଲୁଲ୍ଲାଃ ସ.ଅ ହ. ଅବୁ ବକ୍କର ଏବଂ ହ. ଉମର୍ ର.ଅଙ୍କ ସହିତ ନିଜ ଘରକୁ ପ୍ରସ୍ଥାନ କଲେ । ଏମାନେ ଦୁହେଁ ଅର୍ଥାତ୍ ହ. ଅବୁ ବକ୍କର ର.ଅ ଓ ହ. ଉମର ର.ଅ ଆଁହଜରତ ସ.ଅଙ୍କୁ ପଗଡ଼ି ବାନ୍ଧିଲେ ଏବଂ ଆପଣ ସ.ଅଙ୍କୁ ଯୁଦ୍ଧ ପୋଷାକ ପିନ୍ଧାଇଲେ । ଲୋକମାନେ ଆପଣ ସ.ଅଙ୍କ ଅପେକ୍ଷାରେ ଧାଡ଼ି ବାନ୍ଧି ଛିଡ଼ା ହୋଇଥିଲେ । ସେତେବେଳେ ହ. ସାଆଦ୍ ବିନ୍ ମୁଆଜ୍ ର.ଅ ଓ ହ. ଉସେଦ୍ ବିନ୍ ହୁଜୈର୍ ର.ଅ ଲୋକମାନଙ୍କୁ କହିଲେ, ହେ ଲୋକମାନେ ! ତୁମମାନେ ଆଁହଜରତ ସ.ଅଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ବାହାରକୁ ବାହାରି ଯୁଦ୍ଧ ଲଢିବା ପାଇଁ ବାଧ କରି ଦେଇଛ । ଅତଃ ଉକ୍ତ ପ୍ରସଙ୍ଗକୁ ବର୍ତ୍ତମାନ ତୁମେମାନେ ଆପଣ ସ.ଅଙ୍କ ଉପରେ ଛାଡ଼ିଦିଅ । ଆପଣ ସ.ଅ ଯାହା ବି ଆମମାନଙ୍କୁ ଆଦେଶ ଦେବେ ଓ ଆପଣ ସ.ଅଙ୍କର ଯେଉଁ ରାୟ ହେବ ସେହି ରାୟ ଆମମାନଙ୍କ ପକ୍ଷେ ହିତକର ସାବ୍ୟସ୍ତ ହେବ । ସୁତରାଂ ଆପଣ ସ.ଅଙ୍କର ଆଜ୍ଞା ପାଳନ କର । ଯେତେବେଳେ ଆପଣ ସ.ଅ ବାହାରକୁ ଆସିଲେ ସେତେବେଳେ ଆପଣ ସ.ଅ ଯୁଦ୍ଧ ପୋଷାକ ବା ବସ୍ତ୍ର ପରିଧାନ କରିଥିଲେ । ଆପଣ ସ.ଅ ଦୁଇଟି ଲୌହ କବଚ ପରିଧାନ କିରଥିଲେ । ଅର୍ଥାତ୍ ଗୋଟିଏ ଲୌହ କବଚ ଉପରେ ଆଏ ଏକ ଲୌହ କବଚ ଥିଲା । ସୁତରାଂ ଉକ୍ତ ଦୁଇଟି ଲୌହ କବଚର ନାମ ହେଲା**-1-** ଜାତୁଲ୍ ଫୁଜୁଲ୍ ଓ ଅନ୍ୟ ଲୌହ କବଚଟି **2-** ଫିଜ୍ଜା ଥିଲା । ଯେତେବେଳେ ଆଁହଜରତ ସ.ଅ ବଦର୍ ଯୁଦ୍ଧ ନିମନ୍ତେ ଯୁଦ୍ଧ ଭୂମିକୁ ଯାଉଥିଲେ ସେତେବେଳେ ଉକ୍ତ ଲୌହ କବଚ ଦ୍ୱୟ ହ. ସାଆଦ୍ ବିନ୍ ଉବାଦାହ୍ ର.ଅ ଆଁହଜରତ ସ.ଅଙ୍କ ନିକଟକୁ ପ୍ରେରଣ କିରଥିଲେ । ଯେତେବେଳେ ଆପଣ ସ.ଅଙ୍କ ଅକାଳ ବିୟୋଗ ହେଲା ସେତେବେଳେ ଆପଣ ସ.ଅ ଉକ୍ତ ଲୌହ କବଚ ଦ୍ୱୟକୁ ଜଣେ ଇହୁଦୀ ବ୍ୟକ୍ତି ନିକଟରେ ବନ୍ଧକ ରଖିଥିଲେ। ପୁନଶ୍ଚ ହ. ଅବୁ ବକ୍କର ର.ଅ ଉକ୍ତ ଲୌହ କବଚ ଦ୍ୱୟକୁ ମୁକୁଳାଇ ଆଣିଥିଲେ । ଅର୍ଥାତ୍ ଟଙ୍କା ଦେଇ ତାହାକୁ ଫେରସ୍ତ କରାଇ ନେଇଥିଲେ । ଆଁହଜରତ ସ.ଅ ନିଜ ଜଂଘ ପାଖରେ ଖଡ଼ଗ ଓହଳାଇ ଥିଲେ ଏବଂ ପିଠି ପଛରେ କମାଣ ଟଙ୍ଗାଇଥିଲେ। ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଆପଣ ସ.ଅ ସକବ୍ ନାମକ ଅଶ୍ୱ ଉପରେ ଆରୋହଣ ହେଲେ ଏବଂ ତୀର କମାଣ ଓହଳାଇ ବର୍ଚ୍ଛା ହାତରେ ଧରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ସମ୍ଭବତଃ ଉପରୋକ୍ତ ଦୁଇଟି କଥା ଘଟି ଥାଇପାରେ । ବିଭିନ୍ନ ଲୋକମାନେ ଦେଖିଛନ୍ତି ଯେ, ଆହଜରତ ସ.ଅ ଯେତେବେଳେ ନିଜ ଘରୁ ବାହାରକୁ ବାହାରିଲେ ସେତେବେଳେ ଆପଣ ସ.ଅଙ୍କ ଶରୀରରେ ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ଶୋଭା ପାଉଥିଲେ । ତେଣୁ ଆପଣ ସ.ଅଙ୍କୁ ଯେତେବେଳେ ସୂଚିତ କରାଗଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମାଲିକ୍ ବିନ୍ ଅମ୍ର ନଜ୍ଜାରୀଙ୍କ ବିୟୋଗ ହୋଇଯାଇଛି ଏବଂ ତାଙ୍କର ପାର୍ଥିବ ଶରୀରକୁ ଯନାଜାଃ ସ୍ଥଳୀରେ ରଖି ଦିଆଯାଇଛି । ସେତେବେଳେ ଆପଣ ସ.ଅ ଯୁଦ୍ଧକୁ ଯିବା ପୂର୍ବରୁ ପ୍ରଥମେ ଯନାଜାଃ ସ୍ଥଳୀକୁ ଯାଇ ମାଲିକ୍ ବିନ୍ ନଜ୍ଜାରଙ୍କ ନମାଜ ଯନାଜାଃ ପାଠ

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

କରାଇଲେ । ଲୋକମାନେ ସେତେବେଳେ ଆପଣ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମମାନଙ୍କର ଏହି ଉଦ୍ଦେଶ୍ୟ ନଥିଲା ଯେ, ଆମେମାନେ ଆପଣ ସ.ଅଙ୍କ ମତ ବିରୁଦ୍ଧରେ ଯିବୁ ଏବଂ ଆପଣ ସ.ଅଙ୍କ ରାୟର ବିରୋଧ କରିବୁ ଓ ଆପଣ ସ.ଅଙ୍କୁ ବାଧ୍ୟ କରିବୁ । ତେଣୁ ଆପଣ ସ.ଅ ଯାହା ଉଚିତ୍ ବୋଲି ମନେ କରୁଛନ୍ତି ତଦନୁଯାୟୀ କାର୍ଯ୍ୟାନୁସରଣ କରନ୍ତୁ । ଏକ ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଯଦି ଆପଣ ସ.ଅ ସହର ମଧ୍ୟରୁ ବାହାରି ଯୁଦ୍ଧ ନକରି ଥାଆନ୍ତେ ତେବେ ଏହି ମଦିନାର ସହରରେ ହିଁ ଆପଣ ସ.ଅ ରହିଥାଆନ୍ତେ । ଆପଣ ସ.ଅ କହିଲେ, ଅଲ୍ଲାଃତାଲା ଯେପର୍ଯ୍ୟନ୍ତ ନବୀ ଓ ଶତ୍ରୁଙ୍କ ମଧ୍ୟରେ ନିର୍ଣ୍ଣୟ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ନବୀ ନିମନ୍ତେ ଏହା ଉଚିତ୍ ନହୁଁ ଯେ, ସେ ଅସ୍ତ୍ରଶସ୍ତ୍ର ପରିଧାନ କରି ସାରିବା ପରେ ପରିଧାନ ଅସ୍ତ୍ରକୁ ଓହ୍ଲାଇ ପକାଇବ । ସେହିପରି ଆଉ ଏକ ବର୍ଣ୍ଣନାରେ ଉପରୋକ୍ତ ଶବ୍ଦ ପରିବର୍ତ୍ତେ ଏହି ଶବ୍ଦର ଉଲ୍ଲେଖ ମଧ୍ୟ ରହିଛି ଯେ, "ଯେପର୍ଯ୍ୟନ୍ତ ନବୀ ବା ବାର୍ତ୍ତାବହ ଯୁଦ୍ଧ କରିନେଇ ନାହିଁ ।" **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-298-299, ଦାରୁଲ୍ କୁତୁବୁଲ୍ ଇଲମିୟାହରୁ ଉଦ୍ଧୃତ)(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-186, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ଆଁହଜରତ ସ.ଅଙ୍କ ପ୍ରସ୍ତୁତି ଏବଂ ସାହାବାମାନଙ୍କର ତ୍ରୁଟି ଜନିତ ଅନୁଭୂତିର ଚର୍ଚ୍ଚା କରି ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଏହିପରି ଉଲ୍ଲେଖ କରିଛନ୍ତି ଯେ, ଆପଣ ସ.ଅ ଘର ଭିତରକୁ ପ୍ରବେଶ କଲେ ଏବଂ ହ. ଅବୁ ବକ୍କର ର.ଅ ଓ ହ. ଉମର୍ ର.ଅଙ୍କ ସହାୟତାରେ ଆପଣ ସ.ଅ ପଗଡ଼ି ବାନ୍ଧିଲେ ଏବଂ ଲୌହ କବଚ ପରିଧାନ କଲେ । ପୁନଶ୍ଚ ଅସ୍ତ୍ର ଧାରଣ କରି ଅଲ୍ଲାଃତାଲାଙ୍କ ନାମ ନେଇ ବାହାରକୁ ଆସିଲେ। କିନ୍ତୁ ଠିକ୍ ସେହି ସମୟରେ ଏହି ଯୁବକମାନଙ୍କୁ ସାହାବାମାନେ କହିଲେ, ହେ ଯୁବକମାନେ ! ତୁମେମାନେ ଏତେ ଉତ୍ସାହିତ ହୋଇ ଆଁହଜରତ ସ.ଅଙ୍କୁ କହିଦେଲ ଯେ, ତୁମେମାନେ ମଦିନା ବାହାରେ ଯାଇ ଲଢିବ । ତେଣୁ ଏହି ଯୁବକମାନେ ସାହାବାମାନଙ୍କ ଉପରୋକ୍ତ କଥା ଯୋଗୁଁ ନିଜର ଦୋଷ ସ୍ୱୀକାର କଲେ ଏବଂ ନିଜ ତ୍ରୁଟି ଯୋଗୁଁ ସେମାନେ ଅନୁତପ୍ତ ହେଲେ । କାରଣ ସେମାନଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ରାୟ ବିପକ୍ଷରେ ଯାଇ ନିଜର ରାୟ ଉପରେ ହଠ କରିବା ଉଚିତ୍ ନଥିଲା । ସୁତରାଂ ଯେତେବେଳେ ସେମାନଙ୍କୁ ଉକ୍ତ ସତ୍ୟାସତ୍ୟଟି ଜ୍ଞାତ ଓ ଅବବୋଧ ହେଲା ସେତେବେଳେ ସେମାନଙ୍କ ମଧ୍ୟରୁ ଅନେକ ଯୁବକମାନେ ଅନୁତପ୍ତ ହେଲେ । ଏ ହେ ଆମେମାନେ ଆଁହଜରତ କାହିଁକି କହିଲୁ ଯେ, ଆମେମାନେ ମଦିନା ବାହାରେ ଯାଇ ଶତ୍ରୁ ସହିତ ଲଢ଼ିବୁ ।

ଯେତେବେଳେ ଏହି ଯୁବକମାନେ ଆଁହଜରତ ସ .ଅଙ୍କୁ ଅସ୍ତ୍ରଶସ୍ତ୍ର, ଲୌହ କବଚ ଇତ୍ୟାଦି ପରିଧାନ କରିଥିବାରେ ଦେଖିଲେ ସେତେବେଳେ ସେମାନେ ଅନୁତାପ ଆହୁରି ବୃଦ୍ଧି ପାଇଲା । ସେମାନେ ସମସ୍ତେ ଏକ ସ୍ୱର ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନଙ୍କ ଦ୍ୱାର ଭୁଲ ହୋଇଯାଇଛି । ଆମକୁ କ୍ଷମା କରିଦିଅନ୍ତୁ। ଆମେମାନେ ଆପଣ ସ.ଅଙ୍କ ରାୟ ବିରୁଦ୍ଧରେ ନିଜର ରାୟକୁ ଅଗ୍ରାଧିକାର ଦେଲୁ ଏବଂ ହଠ କଲୁ । ଆପଣ ସ.ଅ ଯେଭଳି ଉଚିତ୍ ବୋଲି ମନେ କରୁଛନ୍ତି ସେହିପରି ପଦକ୍ଷେପ ଗ୍ରହଣ କରନ୍ତୁ । **ଇନ୍‌ଶାଅଲ୍ଲାଃ** ତହିଁରେ ହିଁ କଲ୍ୟାଣ ହେବ। ଆପଣ ସ.ଅ କହିଲେ, ''ଯେପର୍ଯ୍ୟନ୍ତ ଅଲ୍ଲାଃତାଲା କୌଣସି ନିର୍ଣ୍ଣୟ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ଉକ୍ତ କଥାଟି ଅଲ୍ଲାଃତାଲାଙ୍କ ଅବତାରଙ୍କ ବିରୁଦ୍ଧୀୟ ଅଟେ ଯେ, ନବୀ ଥରେ ଯଦି ଅସ୍ତ୍ର ଶସ୍ତ୍ର ଏବଂ ଲୌହ କବଚ ପରିଧାନ କରିନିଏ ଓ ପୁନଶ୍ଚ ସେ ପରିହିତ (ପିନ୍ଧିଥିବା) ଅସ୍ତ୍ର ଏବଂ ଲୌହ କବଚକୁ ଓହ୍ଲାଇ ଦେବ । ସୁତରାଂ ବର୍ତ୍ତମାନ ଅଲ୍ଲାଃତାଲାଙ୍କ ନାମ ନେଇ ବାହାରି ପଡ଼ । ଯାହା ହେବ ଦେଖାଯିବ । ତୁମେମାନେ ଯଦି ଧୈର୍ଯ୍ୟ ପ୍ରଦର୍ଶନ କଲ ତେବେ ଏହି ବିଶ୍ୱାସ ରଖ କି ଅଲ୍ଲାଃତାଲା ତୁମମାନଙ୍କୁ ଅବଶ୍ୟ ସାହାଯ୍ୟ କରିବେ ।'' **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-485-486)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଏପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି ଯେ, "ଯେତେବେଳେ ଆପଣ ସ.ଅ ବାହାରକୁ ବାହାରିଲେ ସେତେବେଳେ ଯୁବକାମାନେ ନିଜ ମନରେ ଅନୁତପ୍ତ ଅନୁଭବ କଲେ ଏବଂ ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କର ଯେଉଁ ରାୟ ବା ମତାମତ ରହିଛି ତାହା ହିଁ ସଠିକ୍ ଅଟେ । ଆମମାନଙ୍କୁ ମଦିନାରେ ରହି ଶତ୍ରୁ ସହିତ ମୁକାବିଲା କରିବା ଉଚିତ୍ । ଆପଣ ସ.ଅ କହିଲେ, ଈଶ୍ୱରଙ୍କ ବାର୍ତ୍ତାବହ ଯେତେବେଳେ ଲୌହ କବଚ ପରିଧାନ କରିନିଏ ସେତେବେଳେ ସେ ଆଉ ସେହି ଲୌହ କବଚକୁ ଓହ୍ଲାଏ ନାହିଁ । ବର୍ତ୍ତମାନ ଯାହା ହୋଇଯାଉ ନା କାହିଁକି ଆମ୍ଭେମାନେ ଆଗକୁ ହିଁ ଅଗ୍ରସର ହେବୁ । ତୁମେମାନେ ଯଦି ଧୈର୍ଯ୍ୟ ପ୍ରଦର୍ଶନ କର ତେବେ ଈଶ୍ୱର ତୁମମାନଙ୍କୁ ଅବଶ୍ୟ ସାହାଯ୍ୟ କରିବେ।" **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-248)**

ସେ ଯାହା ହେଉ ଇସଲାମୀୟ ସୈନ୍ୟବାହିନୀର ପ୍ରସ୍ଥାନ ପ୍ରାରମ୍ଭ ହେଲା । ଆଁହଜରତ ସ.ଅଙ୍କର ଏକ ହଜାର ସୈନ୍ୟବାହିନୀଙ୍କୁ ସାଙ୍ଗରେ ଧରି ମଦିନାରୁ ବାହାରି ପଡ଼ିଲେ । **(ଅସ୍ ସିରତୁନ୍ ନବୱିୟତା, ଲିଇବନି ହିଶ୍ଶାମ, ଭାଗ-3, ପୃ-448 ପ୍ରକାଶନ ସ୍ଥାନ-ଦାରୁସ୍ ସଲାମ୍)**

ଇତ୍ୟବସରରେ ଆଁହଜରତ ସ.ଅ ତିନୋଟି ବର୍ଚ୍ଛା ବରାଦ କଲେ ଏବଂ ସେହି ତିନି ବର୍ଚ୍ଛା ଉପରେ ତିନୋଟି ଧ୍ୱଜା ବାନ୍ଧିଲେ ଏବଂ ୱସ୍ ସଂପ୍ରଦାୟର ଧ୍ୱଜା ଉସୈଦ୍ ବିନ୍ ହୁଜୈର୍, ଖଜରଜ୍ ସଂପ୍ରଦାୟ ଧ୍ୱଜା ହୁବ୍‌ବାବ୍ ବିନ୍ ମୁନ୍‌ଜର ର.ଅଙ୍କୁ ଦେଲେ ଏବଂ କେତେକ ଇତିହାସବିତ୍ କୁହନ୍ତି ସାଆଦ୍ ବିନ୍ ଉବାଦ୍ ର.ଅଙ୍କୁ ଧ୍ୱଜା ଆପଣ ସ.ଅ ପ୍ରଦାନ କଲେ । ପ୍ରବାସକାରୀଙ୍କ ଧ୍ୱଜା ହ. ଅଲୀ ର.ଅଙ୍କୁ ପ୍ରଦାନ କଲେ ଏବଂ ମଦିନାରେ ବାସ କରୁଥିବା ଅନ୍ୟ ଲୋକମାନଙ୍କୁ ନମାଜ୍ ପଢାଇବା ନିମନ୍ତେ ଇବ୍‌ନେ ମକତୁମ୍ ର.ଅଙ୍କୁ ନିଜର ନାଏବ୍ ଅମୀର୍ ରୂପେ ନିଯୁକ୍ତ କଲେ ।

ପୁନଶ୍ଚ ରସୁଲ୍ କରୀମ୍ ସ.ଅ ନିଜର ଅଶ୍ୱ ଯାହାର ନାମ ସକବ୍ ଥିଲା ତାହ ଉପରେ ଆରୋହଣ ହେଲେ ଏବଂ ତୀର କମାଣକୁ ବେକରେ ପକାଇଲେ ଏବଂ ବର୍ଚ୍ଛାକୁ ହାତରେ ଧରିଲେ । ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ୱହୋଦ୍ ଯୁଦ୍ଧ ଦିନ ମୁସଲମାନମାନଙ୍କ ନିକଟରେ ଦୁଇଟି ଅଶ୍ୱ ଥିଲେ । ଗୋଟିଏ ଅଶ୍ୱ (ଘୋଡ଼ା) ରସୁଲ୍ କରୀମ୍ ସ.ଅଙ୍କ ନିକଟରେ ଥିଲା । ସେହି ଅଶ୍ୱର ନାମ ସକବ୍ ଥିଲା । ଅନ୍ୟ ଅଶ୍ୱଟି ଅବୁ ବୁର୍ଦା ର.ଅଙ୍କ ନିକଟରେ ଥିଲା । ସେହି ଅଶ୍ୱର ନାମ ମୁଲାୱେହ୍ ଥିଲା । ମୁସଲମାନମାନେ ମଧ୍ୟ ଅସ୍ତ୍ରଶସ୍ତ୍ର ସଜ୍ଜିତ କରି ରଖିଥିଲେ । ତନ୍ମଧ୍ୟରେ 100 ଜଣ ଲୋକ ଲୌହ କବଚ ପରିଧାନ କରିଥିଲେ । ସାଆଦ୍ ଅର୍ଥାତ୍ ସାଆଦ୍ ବିନ୍ ମୁଆଜ୍ ର.ଅ ଓ ସାଆଦ୍ ବିନ୍ ଉବାଦାହ୍ ର.ଅ ଆପଣ ସ.ଅଙ୍କ ଆଗରେ ଦଉଡ଼ିବାକୁ ଲାଗିଲେ । ସେମାନେ ଦୁହେଁ ଲୌବ କବଚ ପିନ୍ଧିଥିଲେ ଏବଂ ସେମାନେ ଆପଣ ସ.ଅଙ୍କ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଥିଲେ । ଆପଣ ସ.ଅ ଯେତେବେଳେ ସନିୟା ଠାରେ ପଞ୍ଚିଲେ ସେତେବେଳେ ବିଶାଳ ସଶସ୍ତ୍ରଧାରୀ ସୈନ୍ୟବାହିନୀକୁ ଦେଖିଲେ। ସେହି ଅସ୍ତ୍ରଗୁଡ଼ିକର ଧ୍ୱନି ଝଙ୍କୃତ ହେଉଥିଲା । ଆପଣ ସ.ଅ ପଚାରିଲେ ଏଇଟା କି ସ୍ୱର ? ସାହାବାମାନେ ଉତ୍ତର ଦେଲେ ଯେ, ଏମାନେ ଇହୁଦୀ ସଂପ୍ରଦାୟ ମଧ୍ୟରୁ ଅବଦୁଲ୍ଲାଃ ବିନ୍ ଉବୈର ମିତ୍ର ଅଟନ୍ତି । ଆପଣ ସ.ଅ ପଚାରିଲେ, ଏମାନେ କ'ଣ ଇସଲାମ୍ ଧର୍ମ ଗ୍ରହଣ କରି ନାହାନ୍ତି କି ? ଉତ୍ତର ମିଳିଲା କି ନାହିଁ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ଆମେମାନେ ମୁସ୍‌ରିକ୍‌ନମାନଙ୍କ ବିରୁଦ୍ଧରେ ଅବଜ୍ଞାକାରୀଙ୍କ ଠାରୁ ସାହାଯ୍ୟ ଲୋଡ଼ିବୁ ନାହିଁ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-186, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍) (ଅତ୍‌ତବକାତୁଲ୍ କୁବ୍ରା, ଭାଗ-1, ପୃ-380 ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ)**

ଏଥି ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦ ର.ଅ ଉଲ୍ଲେଖ କରିଛନ୍ତି ଯେ, ଆଁହଜରତ ସ.ଅ ଇସଲାମୀୟ ସୈନ୍ୟବାହିନୀ ନିମନ୍ତେ ତିନୋଟି ଧ୍ୱଜା ପ୍ରସ୍ତୁତ କରିଥିଲେ । ୱସ୍ ସଂପ୍ରଦାୟର ଧ୍ୱଜା ଉସୈଦ୍ ବିନ୍ ଅଲ୍ ହୁଜୈର୍ ର.ଅଙ୍କୁ ହସ୍ତାନ୍ତରିତ କରିଥିଲେ ଏବଂ ଖଜରଜ୍ ସଂପ୍ରଦାୟର ଧ୍ୱଜା ହୁବାବ୍ ବିନ୍ ମୁନଜର ର.ଅଙ୍କ ହସ୍ତରେ ଦିଆଯାଇଥିଲା ଓ ପ୍ରବାସକାରୀଙ୍କ ଧ୍ୱଜା ହ. ଅଲୀ ର.ଅଙ୍କୁ ପ୍ରଦାନ କରାଗଲା । ପରବର୍ତ୍ତୀ ସମୟରେ ଉକ୍ତ ଧ୍ୱଜା ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କୁ ପ୍ରଦାନ କରାଗଲା । ଏତଦ୍‌ପରେ ଅବ୍‌ଦୁଲ୍ଲାଃ ବିନ୍ ଉମ୍ମେ ମକତୁମ୍‌ଙ୍କୁ ମଦିନାରେ ଇମାମୁସ୍ ସଲାତ୍ ରୂପେ ନିଯୁକ୍ତ କରି ଆପଣ ସ.ଅ ସାହାବାମାନଙ୍କର ଏକ ବିଶାଳ ଗୋଷ୍ଠୀଙ୍କ ସହିତ ନମାଜେ ଅସର୍ ପରେ ମଦିନାରୁ ବାହାରିଥିଲେ । ୱସ୍ ଓ ଖଜରଜ ସଂପ୍ରଦାୟର ଅଧିପତି ସାଆଦ୍ ବିନ୍ ମୁଆଜ୍ ର.ଅ ଏବଂ ସାଆଦ୍ ବିନ୍ ଉବାଦାହ୍ ର.ଅ ଆପଣ ସ.ଅଙ୍କ ସବାରୀ ସମ୍ମୁଖରେ ଧୀରେ ଧୀରେ ଦଉଡ଼ି ଯାଉଥିଲେ । ଅନ୍ୟ ସାହାବାମାନେ ଆପଣ ସ.ଅଙ୍କ ବାମ ପାର୍ଶ୍ୱରେ ଓ ଦକ୍ଷିଣ ପାର୍ଶ୍ୱରେ ଏବଂ ପଛେ ପଛେ ଚାଲଥିଲେ। **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-486) (ଶରହୁଜ୍ ଜର୍କାନୀ, ଭାଗ-2, ପୃ-398, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ଆଁହଜରତ ସ.ଅ ପ୍ରସ୍ଥାନ କଲେ ଏବଂ ସେଖୈନ୍ ସ୍ଥାନରେ ପହଞ୍ଚିଲେ ଓ ଶିବିର ସ୍ଥାପନ କଲେ । ସେଖୈନ୍ ହେଉଛି ମଦିନାର ଦୁଇଟି ପର୍ବତ । ଏଠାରେ ପହଞ୍ଚି ଆପଣ ସ.ଅ ନିଦର ସୈନ୍ୟବାହିନୀର ମଇନା (ନିରୀକ୍ଷଣ/Inspection) କଲେ। ଆପଣ ସ.ଅ ସେହି ଯୁବକ ଦ୍ୱୟଙ୍କୁ ଫେରି ଯିବା ପାଇଁ କହିଲେ ଯାହାଙ୍କ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସଂପର୍କରେ ଆପଣ ସ.ଅ ଆକଳନ କଲେ ଯେ, ସେହି ଯୁବକ ଦ୍ୱୟଙ୍କୁ 15 ବର୍ଷ ବୟସ ହୋଇ ନଥିଲା । ଅବା ସେହି ଯୁବକ ଦ୍ୱୟ 14 ବର୍ଷୀ ଅଟନ୍ତି । **(ସିରତୁଲ୍ ହଲବିୟାହ୍, ଭାଗ-2 , ପୃ-300, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-175, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ଇମାମ୍ ଶାଫିଇ ରହେମତୁଲ୍ଲାଃ ଅଲୈହ୍ ଉଲ୍ଲେଖ କରନ୍ତି, ଯେଉଁ 14 ବର୍ଷୀୟ 17 ଜଣ ଯୁବକମାନଙ୍କୁ ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥିଲେ ସେହି ଯୁବକମାନଙ୍କୁ ଆପଣ ସ.ଅ ଫେରାଇ ଦେଲେ । ଅର୍ଥାତ୍ ଫେରିଯିବା ପାଇଁ କହିଲେ। କିନ୍ତୁ ଆପଣ ସ.ଅଙ୍କ ସମ୍ମୁଖରେ ଯେତେବେଳେ 15 ବର୍ଷୀୟ କିଶୋର ଯୁବକମାନଙ୍କୁ ଉପସ୍ଥାପିତ କରାଗଲା ସେତେବେଳେ ଆପଣ ସ.ଅ ସେମାନଙ୍କୁ ଅନୁମତି ପ୍ରଦାନ କରିଦେଲେ । ଯେଉଁ ଯୁବକମାନଙ୍କୁ ସ୍ୱଳ୍ପ ବୟସ ଯୋଗୁଁ ଫେରାଇ ଦିଆଗଲା ସେହି କୈଶୋର ପିଲମାମାନେ ଉତ୍ସାହପୂର୍ଣ୍ଣ ଥିଲେ । ସେହି କୈଶୋରମାନଙ୍କ ନାମ ସଂପର୍କର ବର୍ଣ୍ଣନାମାନଙ୍କରେ ନାମୋଲ୍ଲେଖ ରହିଛି । ସେମାନେ ହେଲେ- ଅବ୍ଦୁଲ୍ଲାଃ ବିନ୍ ଉମର୍, ଜୈଦ୍ ବିନ୍ ସାବିତ୍, ଉସ୍ୱାମା ବିନ୍ ଜୈଦ୍, ଜୈଦ୍ ବିନ୍ ଅର୍କମ, ବରାଅ ବିନ୍ ଆଜିବ୍, ଉସୈଦ୍ ବିନ୍ ଜୁହୈର୍, ଅରାବା ବିନ୍ ଔସ୍, ଅବୁ ସଇଦ୍ ଖୁଦ୍ରୀ, ଔସ୍ ବିନ୍ ସାବିତ୍, ସାଆଦ୍ ବିନ୍ ବହିର୍, ଇବ୍ନେ ମୁଆୱିୟା ବହ୍ବଲୀ, ସଇଦ୍ ବିନ୍ ହବ୍ତା (ହବ୍ତା ତାଙ୍କ ମାତାଙ୍କର ନାମ ଥିଲା), ସାଆଦ୍ ବିନ୍ ଅକିବ୍, ଜୈଦ୍ ବିନ୍ ଜାରିୟାହ୍, ଜାବିର୍ ବିନ୍ ଅବ୍ଦୁଲ୍ଲାଃ (ଜାବିର୍ ବିନ୍ ଅବ୍ଦୁଲ୍ଲାଃ ସେହି ବ୍ୟକ୍ତି ନୁହନ୍ତି ଯାହାଙ୍କ ଠାରୁ ହଦିସ୍ ବର୍ଣ୍ଣିତ ହୋଇଛି (ଏ ହେଉଛ ଅନ୍ୟ ବ୍ୟକ୍ତି) ରାଫେ ବିନ୍ ଖଦିଜ୍, ସମ୍ରାହ୍ ବିନ୍ ଜୁନ୍ଦୁବ୍ ।

ରାଫେ ବିନ୍ ଖଦିଜ୍ ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କୁ କୁହାଗଲା କି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ରାଫେ ବିନ୍ ଖଦିଜ୍ ଜଣେ ଧନୁର୍ଦ୍ଧର କିଶୋର ଅଟନ୍ତି । ତେବେ ଆପଣ ସ.ଅ ରାଫେ ବିନ୍ ଖଦିଜ୍ଙ୍କୁ ଯୁଦ୍ଧରେ ସାମିଲ୍ ହେବା ନିମନ୍ତେ ଅନୁମତି ପ୍ରଦାନ କରିଦେଲେ । ଆଁହଜରତ ସ.ଅ ପ୍ରଥମେ ତାଙ୍କୁ ଫେରିଯିବାକୁ କହିଲେ । କିନ୍ତୁ ଆପଣ ସ.ଅଙ୍କୁ ଯେତେବେଳେ ଏହା ଜ୍ଞାତ ହେଲା କି ରାଫେ ବିନ୍ ଖଦିଜ୍ ଜଣେ ସୁଦକ୍ଷ ଧନୁର୍ଦ୍ଧର କିଶୋର ଯୁବକ ଅଟନ୍ତି ତେବେ ଆପଣ ସ.ଅ ତାଙ୍କୁ ସେନାରେ ସାମିଲ୍ କରିନେଲେ । ଅର୍ଥାତ୍ ଖଦିଜ୍ ର.ଅଙ୍କୁ ସୈନ୍ୟବାହିନୀରେ ସାମିଲ୍ ହେବା ନିମନ୍ତେ ଅନୁମତି ପ୍ରଦାନ କରିଦେଲେ । ପ୍ରତ୍ୟୁତ୍ତରରେ ସମ୍ରାହ୍ ବିନ୍ ଜୁନ୍ଦୁବ୍ କହିଲେ, ରସୁଲୁଲ୍ଲାଃ ସ.ଅ ରାଫେ ବିନ୍ ଖଦିଜ୍ଙ୍କୁ ଯୁଦ୍ଧରେ ଓ ସେନାରେ ସାମିଲ୍ ହେବା ନିମନ୍ତେ ଅନୁମତି ପ୍ରଦାନ କରି ଦେଇଛନ୍ତି ଏବଂ ମୋତେ ଫେରାଇ ଦେଇଛନ୍ତି। କିନ୍ତୁ ମୁଁ କୁଶ୍ତୀ (ମଲ୍ଲଯୁଦ୍ଧ)ରେ ତା'କୁ ପରାସ୍ତ ଦେବାର ସାମର୍ଥ୍ୟତା ରଖୁଛି । ଆଁହଜରତ ସ.ଅଙ୍କୁ ଯେତେବେଳେ ଉକ୍ତ କଥା ଜ୍ଞାତ ହେଲା ସେତେବେଳେ ଆପଣ ସ.ଅ ତାଙ୍କୁ କହିଲେ, ତୁମେ ଦୁହେଁ ମଲ୍ଲଯୁଦ୍ଧ କରିଲ । ମଲ୍ଲ ଯୁଦ୍ଧରେ ସମ୍ରାହ୍ ରାଫେଙ୍କୁ ପରାସ୍ତ କରିଦେଲେ । ସୁତରାଂ ଆପଣ ସ.ଅ ସମ୍ରାହ୍ଙ୍କୁ ସାମିଲ୍ ହେବା ନିମନ୍ତେ ଅନୁମତି ପ୍ରଦାନ କରିଦେଲେ । ପୁନଶ୍ଚ ବର୍ଣ୍ଣନାରେ ଆଗକୁ ଏହି ଚର୍ଚ୍ଚା ମିଳେ ଯେ, ଆଁହଜରତ ସ.ଅ ଯେତେବେଳେ ସୈନ୍ୟବାହିନୀର ନିରୀକ୍ଷଣ କରି ସାରିଲେ ଓ ସୂର୍ଯ୍ୟାସ୍ତ ହୋଇଗଲା ସେତେବେଳେ ହ. ବିଲାଲ୍ ର.ଅ ମଗ୍ରିବର ଅଜାନ ଦେଲେ ଏବଂ ରସୁଲୁଲ୍ଲାଃ ସ.ଅ ନମାଜ ପାଠ କରାଇଲେ । ପୁନଶ୍ଚ ଇଶାର ଅଜାନ ଦେଲେ ଏବଂ ଆପଣ ସ.ଅ ଇଶା ନମାଜ ପାଠ କରାଇଲେ । ଅତଃ ଉକ୍ତ ରାତ୍ରଟି ସେଖୈନ୍ ନାମକ ସ୍ଥାନରେ ଅତିବାହିତ ହେଲା । ସେହି ରାତ୍ରରେ ପ୍ରହରା ଦେବା ନିମନ୍ତେ ମୁହମ୍ମଦ୍ ବିନ୍ ମୁସଲ୍ଲମା ର.ଅଙ୍କୁ ନିରୀକ୍ଷକ ରୂପେ ନିଯୁକ୍ତ କରାଗଲା । ମୁହମମ୍ମଦ ବିନ୍ ମୁସଲ୍ଲମା 50 ଜଣ ସଦସ୍ୟଙ୍କ ସହିତ ସୈନ୍ୟବାହିନୀର ଚତୁର୍ପାର୍ଶ୍ୱରେ ପରିକ୍ରମା କଲେ। ଆପଣ ସ.ଅ କହିଲେ, ଆଜି ରାତିରେ ଆମମାନଙ୍କ ସୁରକ୍ଷା ଦାୟିତ୍ୱରେ କିଏ ରହିବ? ଅର୍ଥାତ୍ ଆଁହଜରତ ସ.ଅ ଓ ସମସ୍ତ ସୈନ୍ୟବାହିନୀର ସୁରକ୍ଷା ଦାୟିତ୍ୱରେ କିଏ ରହିବ ? ତହିଁରୁ ଏହା ଯଥାର୍ଥ ଥିଲା କି ଆପଣ ସ.ଅଙ୍କ ସବୁଠୁ ନିକଟବର୍ତ୍ତୀ କିଏ ରହିବ ? କାରଣ ସୁରକ୍ଷାର ସଠିକ୍ ବ୍ୟବସ୍ଥା ଯେପରି ହୋଇପାରିବ । ସୁତରାଂ ଜକ୍ୱାନ୍ ବିନ୍ ଅବ୍ଦେ କୈସ୍ ଛିଡ଼ା ହେଲେ । ନିଜର ଲୌହ କବଚ ପିନ୍ଧିଲେ ଏବଂ ନିଜର ଚମଡ଼ା ଢାଲ ଧରିଲେ ଓ ରସୁଲୁଲ୍ଲାଃ ସ.ଅଙ୍କ ପ୍ରହରା ଦେଲେ । ଆପଣ ସ.ଅଙ୍କ ଠାରୁ ମୁହୂର୍ତ୍ତକ ପାଇଁ ମଧ୍ୟ ଭିନ୍ନ ହେଲେ ନାହିଁ । ଅର୍ଥାତ୍ ଅଲଗା ହେଲେ ନାହିଁ । ରସୁଲୁଲ୍ଲାଃ ସ.ଅ ସିହ୍ରୀ ସମୟ ପର୍ଯ୍ୟନ୍ତ ବିଶ୍ରାମ କଲେ । **(ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-187, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ସକାଳ ବେଳେ ଆଁହଜରତ ସ.ଅ କହିଲେ, ମୁଁ ସ୍ୱପ୍ନରେ ଦେଖିଲି ଯେ, ଦେବଦୂତମାନେ ହ. ହମ୍ଜା ର.ଅଙ୍କୁ ସ୍ନାନ କରାଉଛନ୍ତି। **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-300, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ଏଥି ସଂକ୍ରାନ୍ତରେ ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଉଲ୍ଲେଖ କରିଛନ୍ତି ଯେ, ୱହୋଦ୍ ପର୍ବତ ମଦିନା ଠାରୁ ଉତ୍ତର ଦିଗରେ ପ୍ରାୟ ତିନି ମାଇଲ୍ ବ୍ୟବଧାନରେ ଅବସ୍ଥିତ ଏକ ପର୍ବତ ଅଟେ । ଏହି ପର୍ବତର ମଧ୍ୟବର୍ତ୍ତୀ ସ୍ଥାନରେ ପହଞ୍ଚି ସେହି ସ୍ଥାନ ଯାହାକୁ ସେଖୈନ୍ କୁହନ୍ତି ଆପଣ ସ.ଅ ଅବସ୍ଥାନ କଲେ ଏବଂ ସୈନ୍ୟବାହିନୀର ନିରୀକ୍ଷଣ କରିବା ନିମନ୍ତେ ଆଦେଶ ଦେଲେ । ସ୍ୱଳ୍ପ ବୟସରେ ପିଲାମାନେ ଜିହାଦ୍ କରିବା ନିମନ୍ତେ ଅଭିଳାଷୀ ହୋଇ ସାଙ୍ଗରେ ଚାଲି ଆସିଥିଲେ ସେମାନେ ଫେରିଗଲେ । ସୁତରାଂ ଅବ୍ଦୁଲ୍ଲାଃ ବିନ୍ ଉମର୍, ଉସ୍ୱାମା ବିନ୍ ଜୈଦ୍, ଅବୁ ସଇଦ୍ ଖୁଦରୀ ର.ଅ ଇତ୍ୟାଦି ସମସ୍ତେ ଫେରିଗଲେ । ରାଫେ ବିନ୍ ଖଦିଜ୍ ସେହି ପିଲାମାନଙ୍କ ସହିତ ଥିଲେ । କିନ୍ତୁ ଧନୁ ଚାଳନାରେ ସେ ପାରଙ୍ଗମ ଥିଲେ । ତାଙ୍କର ଏହି ବିଶେଷତା ଯୋଗୁଁ ତାଙ୍କର ପିତାଶ୍ରୀ ଆଁହଜରତ ସ.ଅଙ୍କ ସେବାରେ ସୁପାରିଶ୍ କଲେ । କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋ ପୁତ୍ର ରାଫେଙ୍କୁ ସୈନ୍ୟବାହିନୀରେ ସାମିଲ୍ କରି ନିଅନ୍ତୁ । ସେ ଜଣେ ଭଲ ଧନୁର୍ଦ୍ଧର ଅଟେ । ତେଣୁ ମୋ ପୁତ୍ରକୁ ଜିହାଦ୍‌ରେ ସାମିଲ୍ ହେବା ନିମନ୍ତେ ଅନୁମତି ପ୍ରଦାନ କରି ଦିଅନ୍ତୁ । ଆଁହଜରତ୍ ସ.ଅ ରାଫେ ଆଡ଼କୁ ଯେତେବେଳେ ଚାହିଁଲେ ସେତେବେଳେ ଆପଣ ସ.ଅ ଏହା ଅବଲୋକନ କଲେ ଯେ, ରାଫେ ଅନ୍ୟ ସିପାହୀମାନଙ୍କ ପରି ଅସ୍ତ୍ରଶସ୍ତ୍ର ପରିଧାନ କରି ସଳଖ ଛିଡ଼ା ହୋଇଛନ୍ତି । କାରଣ ସେ ଯେପରି ଆଁହଜରତ ସ.ଅଙ୍କୁ ସୁସ୍ଥ ସବଳ ଓ ଲମ୍ବା ଦୃଶ୍ୟମାନ ହୁଅନ୍ତୁ । ସୁତରାଂ ତାଙ୍କର ଏହି ଯୋଜନାଟି କାମ କରିଗଲା ଏବଂ ଆଁହଜରତ ସ.ଅ ତାଙ୍କୁ ସାଙ୍ଗରେ ନେବା ନିମନ୍ତେ ଅନୁମତି ପ୍ରଦାନ କରିଦେଲେ । ଏହା ଦେଖି ଆଉ ଜଣେ କିଶୋର ଯୁବକ ସମ୍ରାହ୍ ବିନ୍ ଜୁନ୍ଦୁବ୍ ଯାହାକୁ ଘରକୁ ଫେରିଯିବା ପାଇଁ କୁହାଯାଇଥିଲା ସେ ନିଜର ପିତାଶ୍ରୀଙ୍କ ନିକଟକୁ ଗଲେ ଏବଂ କହିଲେ, ପିତାଶ୍ରୀ ! ଯଦି ରାଫେଙ୍କୁ ଯୁଦ୍ଧ ପାଇଁ ନିଆଯାଉଛି ତାହାହେଲେ ମୋତେ ବି ଯୁଦ୍ଧରେ ନିଆଯାଉ ଓ ମୋତେ ବି ସୈନ୍ୟବାହିନୀରେ ସାମିଲ୍ କରାଯାଉ । ମୋତେ ମଧ୍ୟ ଅନୁମତି ମିଳିବା ଉଚିତ୍ । କାରଣ ମୁଁ ରାଫେ ଠାରୁ ବଳବାନ ଅଟେ ଓ ମଲ୍ଲଯୁଦ୍ଧ (କୁସ୍ତି)ରେ ରାଫେଙ୍କୁ ପରାସ୍ତ କରିଦେବି । ସମ୍ରାହ୍ଙ୍କ ଉକ୍ତ ଉତ୍ସାହକୁ ଦେଖି ତାଙ୍କର ପିତାଶ୍ରୀ ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ସେ ନିଜର ପୁତ୍ରକୁ ସାଙ୍ଗରେ ନେଇ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ନିଜ ସୁପୁତ୍ରର ଅଭିଳାଷା ସଂପର୍କରେ ଆଁହଜରତ ସ.ଅଙ୍କୁ ଅବଗତ କରାଇଲେ ।

ଆଁହଜରତ ସ.ଅ ସ୍ମିତ ହାସ୍ୟ ପ୍ରକାଶ କରି କହିଲେ, ଆଚ୍ଛା ରାଫେ ଓ ସମ୍ରାହ୍ଙ୍କ ମଧ୍ୟରେ ମଲ୍ଲଯୁଦ୍ଧ (କୁସ୍ତି)ର ଆୟୋଜନ କରାଯାଉ । କାରଣ ଏହା ଜଣାପଡୁ କି କିଏ ଅଧିକ ଶକ୍ତିଶାଳୀ । ସୁତରାଂ ଉଭୟଙ୍କ ମଧ୍ୟରେ ପ୍ରତିଯୋଗୀତା ହେଲା ଏବଂ ପ୍ରକୃତରେ ସମ୍ରାହ୍ କିଛି କ୍ଷଣ ମଧ୍ୟରେ ହିଁ ରାଫେଙ୍କୁ ଉଠାଇ କଚାଡ଼ି ଦେଲେ । ଏହା ଦେଖି ରସୁଲୁଲ୍ଲାଃ ସ.ଅ ସମ୍ରାହ୍ଙ୍କୁ ମଧ୍ୟ ସାଙ୍ଗରେ ଚାଲିବା ନିମନ୍ତେ ଅନୁମତି ପ୍ରଦାନ କରିଦେଲେ । ଏପରି କରିବା ଦ୍ୱାରା ସେହି ନିରୀହ କିଶୋର ବାଳକର ହୃଦୟ ପ୍ରସନ୍ନ ହୋଇଗଲା । ବର୍ତ୍ତମାନ ସନ୍ଧ୍ୟା ହୋଇ ସାରିଥିଲା ତେଣୁ ହ. ବିଲାଲ୍ ର.ଅ ଅଜାନ୍ ଦେଲେ ଓ ସମସ୍ତ ସାହାବାମାନେ ଆଁହଜରତ ସ.ଅଙ୍କ ଅନୁକରଣତ୍ୱରେ ନମାଜ ପାଠ କଲେ । ପୁନଶ୍ଚ ଏତଦ୍‌ପରେ ରାତ୍ର ନିମନ୍ତେ ମୁସଲମାନମାନେ ଏହିଠାରେ ହିଁ ଶିବିର ସ୍ଥାପନ କରିଦେଲେ । ଆଁହଜରତ ସ.ଅ ରାତ୍ରର ପ୍ରହରା ନିମନ୍ତେ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅଙ୍କୁ ଆୟୋଜକ ରୂପେ ନିଯୁକ୍ତ କଲେ । ସେ 50 ଜଣ ସାହାବାମାନଙ୍କର ଏକ ଜମାଅତ୍ ସହିତ ଅହୋରାତ୍ର ଇସ୍ଲାମୀୟ ସୈନ୍ୟବିହିନୀର ଚତୁର୍ପାର୍ଶ୍ୱରେ ପଇଁତରା ମାରି ପ୍ରହରା ଦେଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-486,487)**

ଅବ୍ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ପ୍ରଥମେ ସାଙ୍ଗରେ ଆସିଲା କିନ୍ତୁ ବାଟରୁ ହିଁ ସେ ଫେରିଗଲା । ଏହାର ବିସ୍ତୃତ ବିବରଣୀ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ସେହ୍ରି ସମୟରେ ଆଁହଜରତ ସ.ଅ ସେଖୈନ୍ ସ୍ଥାନରୁ ଆଗକୁ ପ୍ରସ୍ଥାନ କଲେ ଏବଂ ମଦିନା ଏବଂ ୱହୋଦ୍ ପର୍ବତ ମଧ୍ୟରେ ଶୌତ୍ ନାମକ ଏକ ସ୍ଥାନରେ ଯେତେବେଳେ ପହଞ୍ଚିଲେ ସେତେବେଳେ ନମାଜ ସମୟ ହୋଇଗଲା । ସେହି ସ୍ଥାନରେ ଆପଣ ସ.ଅ ନମାଜ୍ ଫଜର ପାଠ କଲେ । ଶୌତ୍ ହେଉଛି ମଦିନା ଏବଂ କନାତ୍ ଉପତ୍ୟକା ମଧ୍ୟରେ ଥିବା ଏକ ସ୍ଥାନ । ସେହି ସ୍ଥାନରେ ଅବ୍ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ନିଜର କପଟ ବିଶ୍ୱାସୀ ସାଥିମାନଙ୍କ ସମେତ ଆଁହଜରତ ସ.ଅଙ୍କୁ ଛାଡ଼ି ମଦିନା

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ପଳାଇ ଆସିଥିଲା । ତା'ର ସାଥିମାନଙ୍କ ସଂଖ୍ୟା 300 ଥିଲା । ସେମାନେ ସମସ୍ତେ କପଟ ବିଶ୍ୱାସୀ ଥିଲେ । ଫେରିବା ସମୟରେ ଅବ୍‌ଦୁଲ୍ଲାଃ ବିନ୍ ଉବେି କହିବାକୁ ଲାଗିଲେ ଯେ, ଆଁହଜରତ ସ.ଅ ମୋ କଥାକୁ ମାନିଲେ ନାହିଁ । ବରଂ ଯୁବକମାନଙ୍କ କଥାକୁ ସ୍ୱୀକାର କଲେ । ଆଁହଜରତ ସ.ଅ ଯୁବକମାନଙ୍କ କଥାରେ ପଡ଼ିଗଲେ କିନ୍ତୁ ସେହି ଯୁବକମାନଙ୍କ ରାୟ ବା ମତର କୌଣସି ମୂଲ୍ୟ ନାହିଁ । ଆମେମାନେ ଜାଣି ନାହୁଁ ଯେ, ଆମେମାନେ କେଉଁ କାରଣରୁ ନିଜର ଜୀବନ ଦେବୁ । ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍ ଉକ୍ତ କଥା କହିଲା, ହେ ଲୋକମାନେ ଫେରିଚାଲ ! ସୁତରାଂ କପଟବିଶ୍ୱାସୀଙ୍କ ଅଧିପତି ଅର୍ଥାତ୍ ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍‌ର ଉକ୍ତ ଆଦେଶକୁ ଶୁଣିବା ପରେ ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍‌ର ସାଥିମାନେ ମୁସଲମାନମାନଙ୍କ ସଙ୍ଗତ୍ୱକୁ ଛାଡ଼ି ଫେରିଗଲେ । ସେମାନଙ୍କୁ ଯାଉଥିବା ଦେଖି ହ. ଜାବିର୍ ର.ଅଙ୍କ ପିତାଶ୍ରୀ ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ ସେମାନଙ୍କ ପଛେ ପଛେ ଧାଇଁଗଲେ । ହ. ଅବଦୁଲ୍ଲାଃ ବିନ୍ ଉମର୍ ର.ଅ ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍ ପରି ଖଜ୍‌ରଜ୍ ସଂପ୍ରଦାୟର ବରିଷ୍ଠ ଅଧିପତି ଥିଲେ । ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲଲ୍ ଓ ତା'ର ସାଥିମାନଙ୍କୁ ସେ ଫେରିଯାଉଥିବା ଦେଖି ଲୋକମାନଙ୍କୁ କହିଲେ, ହେ ଲୋକମାନେ ମୁଁ ତୁମମାନଙ୍କୁ ଈଶ୍ୱରଙ୍କ ଶପଥ ଦେଇ ପଚାରୁଛି ଯେ, କ'ଣ ଉକ୍ତ ପ୍ରସଙ୍ଗଟି ତୁମମାନଙ୍କ ନିମନ୍ତେ ଯଥୋଚିତ ହେବ କି, ଯେତେବେଳେ ଶତ୍ରୁ ପକ୍ଷ ନିଜର ସକଳ ଶକ୍ତି ଓ ସାମର୍ଥ୍ୟର ସହିତ ତୁମମାନଙ୍କ ନବୀଙ୍କ ସମ୍ମୁଖରେ ଛିଡ଼ା ହୋଇଛି ଆଉ ତୁମେମାନେ ଠିକ୍ ସମୟରେ ନିଜର ନବୀ ଓ ନିଜର ଜାତି ସହିତ ବିଶ୍ୱାସଘାତକତା ପ୍ରଦର୍ଶନ କରିବ ? ସେହି ଲୋକମାନେ କହିଲେ, ଆମମାନଙ୍କୁ ଯଦି ଏହା ଜ୍ଞାତ ହୋଇଥାଆନ୍ତା ଯେ, ତୁମେମାନେ ଯୁଦ୍ଧ ଲଢିବ ତେବେ ଆମେମାନେ ତୁମ ସହିତ ଆସି ନଥାଆନ୍ତୁ ! ଆମେମାନେ ତ' ଏହା ଭାବୁଥିଲୁ ଯେ, ଯୁଦ୍ଧ ଇତ୍ୟାଦି ହେବ ନାହିଁ । ସେହିପରି ସେମାନେ ସ୍ୱଷ୍ଟ ରୂପେ ଫେରିଯିବାର ଘୋଷଣା କରିଦେଲେ। କିନ୍ତୁ ସେମାନେ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହୋଇ ଆସିଥିଲେ । ପ୍ରତ୍ୟୁତ୍ତରରେ ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ କହିଲେ, ହେ ଈଶ୍ୱରଙ୍କ ଶତ୍ରୁମାନେ ! ଅଲ୍ଲାଃତାଲା ତୁମମମାନଙ୍କର ସର୍ବନାଶ କରି ଦିଅନ୍ତୁ । ଅଲ୍ଲାଃତାଲା ଖୁବ୍ ଶୀଘ୍ର ନିଜର ଅବତାରକୁ ତୁମମାନଙ୍କ ଠାରୁ ନିସ୍ପୃହ କରିଦେବେ। ଅର୍ଥାତ୍ ତୁମମାନଙ୍କର ଆବଶ୍ୟକତା ଆଉ ପଡ଼ିବ ନାହିଁ । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଅଲ୍ଲାମା ଇବ୍‌ନେ ଯୋଜି ରହେମତୁଲ୍ଲାଃ ଅଲୈ ଏହା ଉଲ୍ଲେଖ କରନ୍ତି ଯେ, ଯେ, ଯେତେବେଳେ ବନୁ ସଲ୍‌ମା ସଂପ୍ରଦାୟ ଓ ବନୁ ହାରିସା ର.ଅ ଅବ୍‌ଦୁଲ୍ଲାଃ ବିନ୍ ଉବୈକୁ ବିଶ୍ୱାସଘାତ କରୁଥିବା ଅବଲୋକନ କଲେ ସେତେବେଳେ ସେମାନେ ମଧ୍ୟ ଫେରିଯିବା ପାଇଁ ସ୍ଥିର କଲେ । ଏହି ଦୁଇ ସଂପ୍ରଦାୟ ସୈନ୍ୟବାହିନୀର ଦୁଇଟି ବାହୁ ଥିଲେ । କନ୍ତୁ ଅଲ୍ଲାଃତାଲା ଏହି ଦୁଇଟି ସଂପ୍ରଦାୟ ତଥା ଗୋଷ୍ଠୀକୁ ଉକ୍ତ ପାପରୁ ରକ୍ଷା କଲେ । ସେମାନେ ଫେରିଯିବାର ଯେଉଁ ଇଚ୍ଛା ପ୍ରକାଶ କରିଥିଲେ ତାହାକୁ ସେମାନେ ପରିତ୍ୟାଗ ଓ ସମାପ୍ତ କରିଦେଲେ । ଅତଏବ୍ ଏହା ଦେଖି ଅଲ୍ଲାଃତାଲା ଉକ୍ତ ଆୟତ୍ ଅବତୀର୍ଣ୍ଣ କଲେ, إِذْ هَمَّتْ طَّآئِفَتَانِ مِنكُمْ أَن تَفْشَلَا وَاللَّهُ وَلِيُّهُمَا وَعَلَى اللَّهِ فَلْيَتَوَكَّلِ الْمُؤْمِنُونَ **(ଆଲେ ଇମ୍ରାନ୍; 123)** ଅର୍ଥାତ୍ ପୁନଶ୍ଚ ସେହି ସମୟକୁ ମଧ୍ୟ ସ୍ମରଣ କର ଯେତେବେଳେ ଏହି ଅବସ୍ଥାକୁ ଲକ୍ଷ୍ୟ କରିବ । ତୁମେମାନଙ୍କ ମଧ୍ୟରୁ ଦୁଇଟି ଦଳ ଭୀରୁତା ପ୍ରକାଶ କରିବା ସକାଶେ ପ୍ରସ୍ତୁତ ହୋଇଗଲେ । ଅଥଚ ଅଲ୍ଲାଃତାଲା ସେମାନଙ୍କର ବନ୍ଧୁ ଥିଲେ ଏବଂ ବିଶ୍ୱାସକାରୀମାନଙ୍କୁ ଅଲ୍ଲାଃତାଲାଙ୍କ ଉପରେ ହିଁ ନିର୍ଭର କରିବା ଉଚିତ୍ ।

ଅବ୍‌ଦୁଲ୍ଲାଃ ବିନ୍ ଉବେି ଓ ତା'ର 300 ସାଥିମାନଙ୍କ ବିଶ୍ୱାସଘାତକତା ପରେ ବର୍ତ୍ତମାନ ଆଁହଜରତ ସ.ଅଙ୍କ ସହିତ କେବଳ 700 ଲୋକମାନେ ରହିଯାଇଥିଲେ। ଏପଟେ ଅବଦୁଲ୍ଲାଃ ବିନ୍ ଉବେି ଯେତେବେଳେ ମଦିନା ଫେରିଗଲା ସେତେବେଳେ ଅନସାରମାନେ ଆଁହଜରତ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଇହୁଦୀମାନଙ୍କ ମଧ୍ୟରେ ଯେଉଁମାନେ ଆମମମାନଙ୍କର ମିତ୍ର ଏବଂ ସମର୍ଥକ ଅଟନ୍ତି ସେମାନଙ୍କ ଠାରୁ ଇତ୍ୟବସରରେ ସାହାଯ୍ୟ ନେଲେ କିମିତି ହେବ ? ଅନ୍‌ସାର୍‌ମାନଙ୍କ କହିବାର ତାତ୍ପର୍ଯ୍ୟ ଇହୁଦୀମାନେ ଥିଲେ । ସମ୍ଭବତଃ ସେହି ସଂପ୍ରଦାୟ ମଧ୍ୟରୁ ବନୁ କୁରେଜା ସଂପ୍ରଦାୟ ଯଥାର୍ଥ ଥିଲେ । କାରଣ ବନୁ କୁରେଜାର ଇହୁଦୀମାନେ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ମିତ୍ର ଥିଲେ ଏବଂ ହ. ସାଆଦ୍ ବିନ୍ ମୁଆଜ୍ ର.ଅ ଓ୍ୱସ୍ ସଂପ୍ରଦାୟର ଅଧିପତି ଥିଲେ । ହ. ସାଆଦ୍ ର.ଅଙ୍କ ସଂପର୍କରେ କେତେକ ବିଦ୍ୱାନ୍‌ମାନେ କହିଲେ, ହ. ସାଆଦ୍ ର.ଅଙ୍କ ମର୍ଯ୍ୟାଦା ଅନ୍‌ସାର୍ ସଂପ୍ରଦାୟରେ ଏପରି ଥିଲା ଯେପରି ପ୍ରବାସକାରୀଙ୍କ ମଧ୍ୟରେ ହ. ଅବୁ ବକ୍କର ର.ଅଙ୍କ ମର୍ଯ୍ୟାଦା ଥିଲା । ଅର୍ଥାତ୍ ଅନ୍‌ସାର୍‌ଙ୍କ ଉକ୍ତ ପ୍ରଶ୍ନ ପଚାରିବାରୁ ଆଁହଜରତ ସ.ଅ କେବଳ ଏତିକି କହିଲେ, ହେ ଲୋକମାନେ ! ଆମମାନଙ୍କୁ ସେମାନଙ୍କ ସାହାଯ୍ୟର ଆବଶ୍ୟକତା ନାହିଁ । **(ସିରତୁଲ୍ ହଲବିୟାହ୍, ଭାଗ-2 , ପୃ-301, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-167 ଜୱାର୍ ଏକାଡ଼େମୀ, କରାଚୀ)**

ଏଥି ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ମଧ୍ୟ ଉଲ୍ଲେଖ କିରଛନ୍ତି ଯେ, "ଦ୍ୱିତୀୟ ଦିନ ଅର୍ଥାତ୍ 15 ଶୱାଲ୍ 3 ହିଜ୍ରୀ ଅନୁଯାୟୀ 31 ମାର୍ଚ୍ଚ 624 ଖ୍ରୀ.ଅରେ ଶନିବାର ଦିନ ସେହ୍‌ରୀ ସମୟରେ ଇସ୍‌ଲାମୀୟ ସୈନ୍ୟବାହିନୀ ଆଗକୁ ଅଗ୍ରସର ହେଲା ଏବଂ ମାର୍ଗରେ ନମାଜ ପାଠ କରି ସକାଳ ହେବା ମାତ୍ରେ ଓ୍ୱହୋଦ୍ ପର୍ବତର ଉପତ୍ୟକାରେ ପହଞ୍ଚିଗଲେ । ଇତ୍ୟବସରରେ କୁଚକ୍ରୀ ଏବଂ ଦୁରାଚାରୀ ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍ ଯେକି କପଟ ବିଶ୍ୱାସୀଙ୍କର ଅଧପତି ଥିଲା ସେ ବିଶ୍ୱାସଘାତ କଲା ଏବଂ ନିଜର 300 ସୈନ୍ୟ ସାଥିଙ୍କ ସହିତ ମୁସଲମାନ ସୈନ୍ୟ ବାହିନୀ ଠାରୁ ପୃଥକ୍ ହୋଇ ଏହା କହିଲା କି ମୁହମ୍ମଦ ସ.ଅ ମୋ କଥା ଶୁଣିଲେ ନାହିଁ ଏବଂ ଅନଭିଜ୍ଞ ଯୁବକମାନଙ୍କ କହିବାନୁଯାୟୀ ମଦିନା ବାହାରକୁ ଚାଲି ଆସିଲେ । ତେଣୁ ମୁଁ ସେହି ଯୁବକମାନଙ୍କ ସହିତ ମିଶି ଲଢି ପାରିବ ନାହିଁ। କେତେକ ଲୋକମାନେ ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍‌କୁ ବୁଝାଇବାକୁ ବହୁ ଚେଷ୍ଟା ମଧ୍ୟ କଲେ । ହେଲେ ସେହି ବିଶ୍ୱାସଘାତକ ସୁଧୁରିଲା ନାହିଁ । କିନ୍ତୁ ସେ କାହାରି କଥା ଶୁଣିଲା ନାହିଁ । ସେ କେବଳ ଏହା କହୁଥିଲା ଯେ, ଯଦି କୌଣସି ଯୁଦ୍ଧ ହୋଇଥାଆନ୍ତା ତାହାହେଲେ ମୁଁ ଅବଶ୍ୟ ଉକ୍ତ ଯୁଦ୍ଧରେ ସାମିଲ୍ ହୋଇଥାଆନ୍ତି। କିନ୍ତୁ ଏଇଟା ତ' ଯୁଦ୍ଧ ନୁହେଁ ବରଂ ଏହା ସ୍ୱୟଂ ଏକ ବିପର୍ଯ୍ୟୟ ବା ବିନାଶ ମୁଖକୁ ଯିବା ଅଟେ । ଅର୍ଥାତ୍ ନିଜ ଗୋଡ଼ରେ ନିଜେ ଟାଙ୍ଗିଆ ମାରିବା ଅଟେ ।"

ବର୍ତ୍ତମାନ ଇସଲାମୀୟ ସୈନ୍ୟବାହିନୀ ସଂଖ୍ୟା କେବଳ 700 ରହିଥିଲା । ଏହି ସୈନ୍ୟ ସଂଖ୍ୟା କୁଫ୍ଫାର୍ ଅର୍ଥାତ୍ ଅବିଶ୍ୱାସକାରୀଙ୍କ ସୈନ୍ୟ ସଂଖ୍ୟା ତୁଳନରେ ଏକ ଚତୁର୍ଥାଂଶ ଠାରୁ ମଧ୍ୟ କମ୍ ଥିଲା । ଯୁଦ୍ଧର ସବାରୀ, ଯୁଦ୍ଧ ସରଞ୍ଜାମ ଦୃଷ୍ଟିରୁ ମଧ୍ୟ ଇସ୍‌ଲାମୀୟ ସୈନ୍ୟବାହିନୀର ସଂଖ୍ୟା କୁରୈଶ୍‌ମାନଙ୍କ ତୁଳନାରେ ନଗଣ୍ୟ ଏବଂ ଅତି ଦୁର୍ବଳ ଓ ଦୟନୀୟ ଥିଲା । କାରଣ ମୁସଲମାନମାନଙ୍କର ସୈନ୍ୟବିହିନୀରେ କେବଳ 100 ଜଣ ଲୌହ କବଚ ପରିଧାନକାରୀ ଏବଂ ଦୁଇଟି ମାତ୍ର ଅଶ୍ୱ ରହିଥିଲେ। ଅପର ପକ୍ଷେ ଅବିଶ୍ୱାସାକୀରଙ୍କ ସୈନ୍ୟବାହିନୀରେ 700 ଜଣ ଲୌହ କବଚ ପରିଧାନକାରୀ ଏବଂ 200 ଅଶ୍ୱ ଏବଂ ତିନି ସହସ୍ର (ହଜାର) ଓଟ ରହିଥିଲେ। ଉକ୍ତ ଦୁର୍ବଳାବସ୍ଥାକୁ ମୁସଲମାନମାନେ ମର୍ମେ ମର୍ମେ ଅନୁଭବ କରୁଥିଲେ । ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍‌ର 300 ଲୋକଙ୍କ ବିଶ୍ୱାସଘାତକତା କେତେକ ଦୁର୍ବଳ ମୁସଲମାନମାନଙ୍କ ମଧ୍ୟରେ ଏକ ଅସ୍ଥିରତା ଏବଂ ବ୍ୟାକୁଳତାର ଅବସ୍ଥା ସୃଷ୍ଟି କରି ଦେଇଥିଲା । ଫଳତଃ କେତେକ ଦୁର୍ବଳ ସ୍ୱଭାବର ମୁସଲମାନମାନେ ବିଚଳିତ ମଧ୍ୟ ହେବାକୁ ଲାଗିଲେ । ସୁତରାଂ ଯେପରିକି ପବିତ୍ର କୁରଆନ୍ କରୀମରେ ମଧ୍ୟ ଇଙ୍ଗିତ କରାଯାଇଛି ଯେ, ଏହି ବିଚଳିତାବସ୍ଥା ଓ ବ୍ୟାକୁଳତା ଅବସ୍ଥାରେ ମୁସଲମାନମାନଙ୍କର ଦୁଇଟି ସଂପ୍ରଦାୟ ଯଥା- ବନୁ ହାରିସା ଏବଂ ବନୁ ସଲ୍‌ମା ମଦିନା ଆଡ଼କୁ ଫେରିଯିବା ନିମନ୍ତେ ସ୍ଥିର କଲେ । କିନ୍ତୁ ହୃଦୟରେ ଯେହେତୁ ବିଶ୍ୱାସର ଆଲୋକ ରହିଥିଲା । ତେଣୁ ସେମାନେ ନିଜକୁ ସମ୍ଭାଳି ନେଲେ ଏବଂ ପ୍ରକାଶ୍ୟଗତ କାରଣ ଦୃଷ୍ଟିରୁ ମୃତ୍ୟୁକୁ ସମ୍ମୁଖରେ ଛିଡ଼ା ହୋଇଥିବା ଦେଖି ମଧ୍ୟ ନିଜର ପ୍ରିୟ ମୁନିବ ସ.ଅଙ୍କ ପାର୍ଶ୍ୱକୁ କେବେ ବି ପରିତ୍ୟାଗ କଲେ ନାହିଁ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-487)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ଏକ ସହସ୍ର (1000) ସୈନ୍ୟବାହିନୀ ସାଙ୍ଗରେ ନେଇ ମଦିନାରୁ ବାହାରିଲେ ଏବଂ କିଛି ଦୂରକୁ ଯାଇ ରାତ୍ର ଯାପନ କରିବା ନିମନ୍ତେ ଶିବିର ପକାଇଲେ । ଆପଣ ସ.ଅଙ୍କ ସର୍ବଦା ଏହି ପନ୍ଥା ରହିଥିଲା କି ଆପଣ ସ.ଅ ଶତ୍ରୁମାନଙ୍କ ନିକଟରେ ପହଞ୍ଚି ନିଜର ସୈନ୍ୟବାହିନୀକୁ କିଛି ସମୟ ପର୍ଯ୍ୟନ୍ତ ବିଶ୍ରାମ କରିବା ନିମନ୍ତେ ସୁଯୋଗ ପ୍ରଦାନ କରୁଥିଲେ । କାରଣ ସୈନ୍ୟବାହିନୀ ନିଜର ଯୁଦ୍ଧ ସରଞ୍ଜାମ ଅର୍ଥାତ୍ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରି ନିଅନ୍ତୁ । ଯେତେବେଳେ ଆପଣ ସ.ଅ ସକାଳ ନମାଜରେ ବାହାରିଲେ ସେତେବେଳେ ଆପଣ ସ.ଅଙ୍କୁ ଜ୍ଞାତ ହେଲା ଯେ, ସ.ଅ କିଛି ଇହୁଦୀମାନେ ମଧ୍ୟ ଅଙ୍ଗୀକାର କରିଥିବା ନିଜର ଅନ୍ୟ ସଂପ୍ରଦାୟଙ୍କୁ ସାହାଯ୍ୟ କରିବା ନିମନ୍ତେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଆଳ କରି ଆଗେଇ ଆସିଥିଲେ । ଯଦିଚ ଇହୁଦୀମାନଙ୍କର ଷଡ଼ଯନ୍ତ୍ର ସଂପର୍କରେ ଆଁହଜରତ ସ.ଅ ଅବଗତ ହୋଇ ସାରିଥିଲେ । ତେଣୁ ଆପଣ ସ.ଅ କହିଲେ, ଏହି ଲୋକମାନଙ୍କୁ ଫେରାଇ ଦିଆଯାଉ । ପ୍ରତ୍ୟୁତ୍ତରରେ ଅବ୍ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ଯେକି କପଟବିଶ୍ୱାସୀଙ୍କ ଅଧିପତି (ସର୍ଦ୍ଦାର) ଥିଲା ସେ ମଧ୍ୟ ନିଜର 300 ସାଥିମାନଙ୍କୁ ଧରି ଏହା କହି ଫେରିଗଲା ଯେ, "ବର୍ତ୍ତମାନ ଉକ୍ତ ଯୁଦ୍ଧଟି ଆଉ ଯୁଦ୍ଧ ହୋଇ ରହିଲା ନାହିଁ । ଏହା ତ' ବିନାଶ ମୁଖକୁ ଯିବା ଅଟେ ।" ଅବ୍ଦୁଲ୍ଲାଃ ବିନ୍ ଉବୈନ୍ ବିନ୍ ସୁଲୁଲ୍‌ର ଯୁଦ୍ଧରୁ ପଳାୟନ କରିବାର ଏକ କାରଣ ଏହା ମଧ୍ୟ ରହିଥିଲା କି ସେ କହିଲା ଯେ, ସେହି ଇହୁଦୀମାନଙ୍କୁ କାହିଁକି ସାମିଲ୍ କରିନେଉ ନାହାନ୍ତି । ଏହା ତ' ବିନାଶ ଓ ବିପର୍ଯ୍ୟୟ ମୁଖକୁ ଯିବା ଅଟେ । କାରଣ ସ୍ୱୟଂ ସହାୟକମାନଙ୍କୁ ଯୁଦ୍ଧରୁ ପ୍ରତିରୋଧ କରାଯାଇଥାଏ । ପରିଣାମ ଏହା ହେଲା ଯେ, ମୁସଲମାନମାନେ କେବଳ 700 ସଂଖ୍ୟକ ରହିଗଲେ । ମୁସଲମାନମାନଙ୍କର ସଂଖ୍ୟା ଅବିଶ୍ୱାସକାରୀଙ୍କ ସଂଖ୍ୟା ତୁଳନାରେ ଏକ ଚତୁର୍ଥାଂଶରୁ ମଧ୍ୟ କମ୍ ଥିଲା ଏବଂ ଯୁଦ୍ଧ ସରଞ୍ଜାମ ଦୃଷ୍ଟିରୁ ମଧ୍ୟ ମୁସଲମାନମାନେ ଦୁର୍ବଳ ଥିଲେ । କାରଣ ଅବିଶ୍ୱାସକାରୀଙ୍କ ମଧ୍ୟରେ 700 ଜଣ ଲୌହ କବଚ ପରିଧାନ କରିଥିଲେ ଏବଂ ମୁସଲମାନମାନଙ୍କ ମଧ୍ୟରେ କେବଳ 100 ଜଣ ସୈନ୍ୟ ଲୌହ କବଚ ପରିଧାନ କରିଥିଲେ । ଅବିଶ୍ୱାସକାରୀଙ୍କ ନିକଟରେ 200 ଅଶ୍ୱ ରହିଥିଲେ । ଅପରପକ୍ଷେ ମୁସଲମାନମାନଙ୍କ ନିକଟରେ ମାତ୍ର ଦୁଇଟି ଅଶ୍ୱ ରହିଥିଲେ । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-248-249)**

ଆଁହଜରତ ସ.ଅ ସୈନ୍ୟବାହିନୀ ସହିତ ଯେତେବେଳେ ହିରାହ୍ ବନୁ ହାରିସା ଠାରେ ପହଞ୍ଚିଲେ ସେତେବେଳେ ଜଣେ ସାହାବିଙ୍କ ଅଶ୍ୱ ନିଜର ଲାଞ୍ଜ ହଲାଇଲା। ତେବେ ସେହି ଅଶ୍ୱର ଲାଞ୍ଜ ହଲାଇବାରୁ ଲାଞ୍ଜ ଖଡ଼ଗରେ ବାଜିଗଲା । ସେହି ସାହାବି ଜଣକ ବିପଦ ଅନୁବଭର କରି ଶୀଘ୍ର ନିଜର ଖଡ଼୍‌ଗ ଉତ୍ତୋଳନ କରିନେଲେ। ବର୍ଣ୍ଣନାକାରୀ କୁହନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ ଶୁଭ ଶକୁନ ବା ଶୁଭ ଫଳ ବାହାର କରିବାକୁ ପସନ୍ଦ କରୁଥିଲେ ଏବଂ ଅଶୁଭ ଶକୁନକୁ ପସନ୍ଦ କରୁ ନଥିଲେ । ଆପଣ ସ.ଅ ତାଙ୍କୁ କହିଲେ ଯେ, ଯେଉଁ ବ୍ୟକ୍ତିର ଖଡ଼୍‌ଗ ଉକ୍ତ ଅଶ୍ୱର ଲାଞ୍ଜରେ ବାଜି ଯାଇଛି ସେ ନିଜର ଖଡ଼୍‌ଗକୁ ଖଡ଼୍‌ଗ ଖୋଳରେ ପୂରାଇ ରଖୁ । କାରଣ ମୋତେ ଏପରି ପ୍ରତିତ ହେଉଛି ଯେପରିକି ଆଜି ଅବଶ୍ୟ ଖଡ଼୍‌ଗୋତ୍ତୋଳନ (ଖଣ୍ଡା ଚାଲିବ) ଅବଶ୍ୟ ହେବ । **(ଅସ୍ ସିରତୁନ୍ ନବ୍‌ୱିୟତା, ଲିଇବ୍‌ନି ହିଶ୍ଶାମ, ଭାଗ-3, ପୃ-448-449)**

ପୁନଶ୍ଚ ଆଁହଜରତ ସ.ଅ ସାହାବାମାନଙ୍କୁ ସମ୍ବୋଧିତ କରି କେହିଲେ, କିଏ ସେହି ବ୍ୟକ୍ତି ଯିଏ ଆମକୁ ନିକଟବର୍ତ୍ତୀ ରାସ୍ତା ଦେଇ ଶତ୍ରୁ ଆଡ଼କୁ ନେଇଯିବ ଓ ବାଟ କଢାଇନେବ । ଅର୍ଥାତ୍ ଏପରି ମାର୍ଗ ଦେଇ ଆମକୁ ଶତ୍ରୁ ନିକଟକୁ ନେଇଯିବ ଯେଉଁ ମାର୍ଗ ଦେଇ ସାଧାରଣ ଲୋକମାନେ ଯିବା ଆସିବା କରୁ ନଥିବେ । ପ୍ରତ୍ୟୁତ୍ତରରେ ଅବୁ ଖୈସ୍‌ମା କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଆପଣ ସ.ଅଙ୍କୁ ସେହି ମାର୍ଗ ଦେଇ ନେଇଯିବି । ଇବ୍‌ନେ ସାଆଦ୍ ଇତ୍ୟାଦି ସାହାବାମାନେ ତାଙ୍କର ନାମ ଅୟୁବ୍ ହତ୍‌ମା ବୋଲି ବର୍ଣ୍ଣନା କରିଛନ୍ତି । ସୁତରାଂ ସେ ଆପଣ ସ.ଅଙ୍କୁ ବନୁ ହାରସାର ବସ୍ତି ଏବଂ ସେମାନଙ୍କର ଭୂମି ତଥା ସମ୍ପତ୍ତି ମଧ୍ୟ ଦେଇ ବାଟ କଢାଇ ନେଇ ମୁସଲମାନମାନଙ୍କୁ ସାଙ୍ଗରେ ନେଇ ଚାଲିଲେ । ଏପର୍ଯ୍ୟନ୍ତକି ୱହୋଦ୍‌ର ଘାଟିରେ ପହଞ୍ଚି ଆପଣ ସ.ଅ ଶିବିର ସ୍ଥାପନ କଲେ । ଏହିପରି ଭାବରେ ଆପଣ ସ.ଅ ଶିବିର ସ୍ଥାପନ କଲେ ଯେ, ୱହୋଦ୍ ପର୍ବତକୁ ନିଜର ପିଠି ପଛରେ କରିଦେଲେ ଏବଂ ମଦିନା ଆଡ଼କୁ ମୁହଁ କରିନେଲେ । ଏହି ୱହୋଦ୍ ଘାଟିରେ ଆପଣ ସ.ଅ ସାହାବାମାନଙ୍କୁ ଉପରୋକ୍ତ କଥା ସମ୍ବୋଧିତ କରି କହିଥିଲେ । **(ସିରତୁଲ୍ ହଲବିୟାହ୍, ଭାଗ-2 , ପୃ-301-302, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ମୁସଲମାନମାନେ ୱହୋଦ୍ ପର୍ବତର ପାଦ ଦେଶରେ ଧାଡ଼ି କଲେ ଏବଂ ସପ୍ତାହ ଦିନ ଫଜର୍ ନମାଜ୍ ସମୟ ପାଖେଇ ଆସିଲା ଏବଂ ମୁସଲମାନମାନେ ମୁସ୍‌ରିକିନ୍‌ମାନଙ୍କୁ ଦେଖୁଥିଲେ । ହ. ବିଲାଲ୍ ର.ଅ ଅଜାନ୍ ଦେଲେ ଏବଂ ଇକାମତ୍ କହିଲେ । ରସୁଲୁଲ୍ଲାଃ ସ.ଅ ସହାବାମାନଙ୍କୁ ସକାଳ ନମାଜ ପାଠ କରାଇଲେ। ମୁହମ୍ମଦ ବିନ୍ ଉମର୍ ଅସ୍‌ଲମି ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଛିଡ଼ା ହେଲେ ଏବଂ ଲୋକମାନଙ୍କୁ ଖୁତ୍‌ବା (ଉଦ୍‌ବୋଧନ) ଦେଲେ ଏବଂ କହିଲେ, ହେ ଲୋକମାନେ ! ଅଲ୍ଲାଃତାଲା ନିଜର ଗ୍ରନ୍ଥରେ ମୋତେ ଯେଉଁ ପ୍ରସଙ୍ଗ ସଂପର୍କରେ ଓସିୟତ୍ କରିଥିଲେ ମୁଁ ତୁମମାନଙ୍କୁ ସେହି ପ୍ରସଙ୍ଗର ଓସିୟତ୍ କରୁଛି । ସେହି ପ୍ରସଙ୍ଗ ଏହିକି ଯେ, ତୁମେମାନେ ପ୍ରଭୁଙ୍କ ଆଜ୍ଞା ଏବଂ ତାହାଙ୍କ ଆଦେଶ ପାଳନ କରିବ ଏବଂ ତାହାଙ୍କ ଦ୍ୱାରା ଘୋଷିତ ଅବୈଧ ବସ୍ତୁ ଠାରୁ ଦୂରେଇ ରହିବ ।

ତୁମେମାନେ ଆଜିର ଦିନରେ ପୁଣ୍ୟ ଓ ପ୍ରତିଫଳର ସ୍ଥାନରେ ଦଣ୍ଡାୟମାନ ହୋଇଛ । ଯେଉଁ ବ୍ୟକ୍ତି ପ୍ରଭୁଙ୍କ ସେହି ଆଦେଶାବଳୀକୁ ମନେ ରଖିଲା ସେହି ବ୍ୟକ୍ତି ପୁଣ୍ୟାର୍ଜନ ନିମନ୍ତେ ନିଜକୁ ଧୈର୍ଯ୍ୟ, ବିଶ୍ୱାସ ଓ ହର୍ଷ (ଆନନ୍ଦ) ନିମନ୍ତେ ପ୍ରସ୍ତୁତ କରାଇଲା । (ତୁମେମାନେ ଯେଉଁ ଦିନ ପାଇଁ ନିଜର ମନରେ ଅଭିପ୍ରାୟ ରଖି ଏଠାକୁ ଆସିଅଛ ସେହି ସମସ୍ତ କଥା ସକାଶେ ତୁମମାନଙ୍କୁ ଧୈର୍ଯ୍ୟ ପ୍ରଦର୍ଶନ କରିବାକୁ ପଡ଼ିବ) । କାରଣ ଶତ୍ରୁ ସହିତ ଜିହାଦ୍ କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ । ଖୁବ୍ କ୍ୱଚିତ୍ ଲୋକ ଅଛନ୍ତି ଯେଁଉମାନେ ଉକ୍ତ ପ୍ରସଙ୍ଗରେ ଧୈର୍ଯ୍ୟ ପ୍ରଦର୍ଶନ କରିପାରନ୍ତି । ଅର୍ଥାତ୍ ଯେଉଁ ଲୋକମାନଙ୍କୁ ଅଲ୍ଲାଃତାଲା ସତ୍‌ମାର୍ଗ ପ୍ରଦାନ କରନ୍ତି ସେହିମାନେ ହିଁ ଧୈର୍ଯ୍ୟ ପ୍ରଦର୍ଶନ କରିପାରନ୍ତି । କାରଣ ଅଲ୍ଲାଃତାଲାଙ୍କ ଆଜ୍ଞା ପାଳନ କରୁଥିବା ଲୋକମାନଙ୍କ ସହିତ ସର୍ବଦା ଅଲ୍ଲାଃତାଲା ଥାଆନ୍ତି ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କର ଆଦେଶ ପାଳନ କରି ନଥାଏ ବା ତାହାଙ୍କ ଆଦେଶାବଳୀର ଅବମାନନା କରିଥାଏ ସେହି ବ୍ୟକ୍ତିମାନଙ୍କ ସହିତ ସୈତାନ୍ ଥାଏ । ସୁତରାଂ ତୁମାମାନେ ଜିହାଦ୍ ସଂକ୍ରାନ୍ତରେ ଧୈର୍ଯ୍ୟ ପ୍ରଦର୍ଶନ କରି ନିଜ କର୍ମର ଶୁଭାରମ୍ଭ କର। ଏହି କର୍ମ ମାଧ୍ୟମରେ ତୁମେମାନେ ଅଲ୍ଲାଃତାଲାଙ୍କ ଅଙ୍ଗୀକାର ଏବଂ ତାହାଙ୍କ ପ୍ରତିଶୃତିକୁ ଅନ୍ୱେଷଣ କରିବାକୁ ଚେଷ୍ଟା କର । ମୁଁ ତୁମମାନଙ୍କୁ ଯେଉଁ କର୍ମ କରିବା ନିମନ୍ତେ ଆଦେଶ ଦେବି ତୁମେମାନଙ୍କ ପକ୍ଷେ ତାହାକୁ ପାଳନ କରିବା ଅନିର୍ବାର୍ଯ୍ୟ ଅଟେ । କାରଣ ମୁଁ ତୁମମାନଙ୍କର ସତ୍‌ମାର୍ଗ ପ୍ରାପ୍ତ ହେବା ନିମନ୍ତେ ସବୁଠି ବେଶୀ ଆଶାବାଦୀ ଅଟେ । ନିଃସନ୍ଦେହ ମତଭେଦ, କଳହ ଓ ବିନୀତତା ଦୁର୍ବଳତାର ଲକ୍ଷଣ ଅଟନ୍ତି । ଅଲ୍ଲାଃତାଲା ଏସବୁକୁ ଆଦୌ ପସନ୍ଦ କରନ୍ତି ନାହିଁ (କୌଣସି ମତଭେଦ ହେବା ଉଚିତ୍ ନୁହଁ) ଓ ମତଭେଦ କରିବା ଦ୍ୱାରା ସଫଳତା ପ୍ରାପ୍ତି ହୋଇ ନଥାଏ । ଅର୍ଥାତ୍ ପ୍ରଭୁ ସଫଳତା ପ୍ରଦାନ କରନ୍ତି ନାହିଁ ।

ହେ ଲୋକମାନେ ଉପରୋକ୍ତ ପ୍ରସଙ୍ଗ ମୋ ହୃଦୟରେ ସୃଷ୍ଟି କରାଯାଇଛି ଯେ, ଯେଉଁ ବ୍ୟକ୍ତି ଅବୈଧ ତଥା ବର୍ଜିତ ଏବଂ ଘୃଣ୍ୟ କାର୍ଯ୍ୟ କରିଥାଏ ତେବେ ଅଲ୍ଲାଃତାଲା ନିଜ ମଧ୍ୟରେ ଓ ସେହି ବ୍ୟକ୍ତି ମଧ୍ୟରେ ଏକ ପ୍ରଭେଦ ବା ପୃଥକତା ସୃଷ୍ଟି କରିଦେଇ ଥାଆନ୍ତି । (ଯେଉଁ ବ୍ୟକ୍ତି ଅବୈଧ ଏବଂ ଘୃଣ୍ୟ କାର୍ଯ୍ୟ କରିଥାଏ ସେହି ବ୍ୟକ୍ତିକୁ ଅଲ୍ଲାଃତାଲା ପସନ୍ଦ କରନ୍ତି ନାହିଁ) । ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସକାଶେ ଅବୈଧ, ବର୍ଜିତ ଏବଂ ଗର୍ହିତ କାର୍ଯ୍ୟରୁ ନିବୃତ୍ତ ରହିବ ସେହି ବ୍ୟକ୍ତିର ପାପକୁ ଅଲ୍ଲାଃତାଲା କ୍ଷମା ପ୍ରଦାନ କରିଦେବେ । ଯେଉଁ ବ୍ୟକ୍ତି ମୋ ଉପରେ ଗୋଟିଏ ଥର ଦୁରୁଦ୍ ଶରୀଫ୍ ପ୍ରେରଣ କରିବ ତେବେ ଅଲ୍ଲାଃତାଲା ଓ ତାହାଙ୍କ ଦେବଦୂତମାନେ ସେହି ବ୍ୟକ୍ତି ଉପରେ 10 ଥର ଦୁରୁଦ୍ ଶରୀଫ୍ ପ୍ରେରଣ କରିବେ । ଯେଉଁ ବ୍ୟକ୍ତି କୌଣସି ମୁସଲମାନ ଅବା ଅବଜ୍ଞାକାରୀ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରିବ । ତେବେ ସେହି ବ୍ୟକ୍ତିରେ ପୁଣ୍ୟ ଅଲ୍ଲାଃତାଲାଙ୍କ ନିକଟରେ ନିୟତିକୃତ ତଥା ନିର୍ଭରଶୀଳ ଅଟେ । ସେହି ବ୍ୟକ୍ତିକୁ ଏହି ପୁଣ୍ୟର ପ୍ରତିଫଳ ଇହଧାମରେ ହିଁ ଶୀଘ୍ର ପ୍ରାପ୍ତ ହେବ ଓ ଶେଷ ଦିବସରେ ମଧ୍ୟ କିଛି ସମୟ ପରେ ପ୍ରାପ୍ତ ହେବ । ଯେଉଁ ବ୍ୟକ୍ତି ଅଲ୍ଲାଃତାଲା ଓ ପ୍ରଳୟ ଦିବସ ଉପେରେ ବିଶ୍ୱାସ ରଖେ ତେବେ ସେହି ବ୍ୟକ୍ତି ପକ୍ଷେ ଏହା ଅନିର୍ବାର୍ଯ୍ୟ ସେ ଜୁମା ନମାଜ ପାଠ କରୁ । ଅର୍ଥାତ୍ ପିଲା, ମହିଳା କିମ୍ବା ସନ୍ତାନ ଅବା ଅନ୍ୟ ଅଧୀନରେ କାର୍ଯ୍ୟରତ ଦାସ ବ୍ୟତୀତ ପ୍ରତ୍ୟେକ ମୁସଲମାନ ବ୍ୟକ୍ତି ପକ୍ଷେ ନମାଜ ଜୁମା ପାଠ କରିବା ଅନିର୍ବାର୍ଯ୍ୟ ଅଟେ । ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ପ୍ରତି ନିଃସ୍ପୃହତା ପ୍ରଦର୍ଶନ କରିବ ଅଲ୍ଲାଃତାଲା ମଧ୍ୟ ସେହି ବ୍ୟକ୍ତି ପ୍ରତି ନିଃସ୍ପୃହତା ପ୍ରଦର୍ଶନ କରିବେ । ସୁତରାଂ ଆଁହଜରତ ସ.ଅ ସଂପୂର୍ଣ୍ଣ ଉପଦେଶ ଦେଲେ ଏବଂ କହିଲେ ଯେ, ଜଣେ ମୁସଲମାନ ବ୍ୟକ୍ତିକୁ କିପରି ରହିବା ଉଚିତ୍ । ସମ୍ଭବତଃ ଉକ୍ତ ସ୍ୱପ୍ନ ଯୋଗୁଁ ଆପଣ ସ.ଅଙ୍କ ମନରେ ଏହି ଧାରଣା ଆସିଥିବ ।

ପୁନଶ୍ଚ ଆପଣ ସ.ଅ କହିଲେ, ଅଲ୍ଲାଃତାଲା ନିଃସ୍ପୃହ ଏବଂ ପ୍ରଶଂସିତ ଓ ପୁନୀତ ଅଟନ୍ତି । ଆପଣ ସ.ଅ କହିଲେ, ମୁଁ ଯେଉଁ କର୍ମ ସଂକ୍ରାନ୍ତରେ ଜାଣିଥିଲି ତାହା ମୁଁ ତୁମମାନଙ୍କୁ କହିଦେଲି । ଏହି କର୍ମ ତୁମମାନଙ୍କୁ ଈଶ୍ୱରଙ୍କ ସମୀପବର୍ତ୍ତୀ କରାଇବ। ତେଣୁ ଉପରୋକ୍ତ କର୍ମ ସମ୍ପାଦନ କରିବା ନିମନ୍ତେ ମୁଁ ତୁମମାନଙ୍କୁ ଆଦେଶ ଦେଇଛି, ସେହିପରି ମୁଁ ଯେଉଁ ପାପ କର୍ମ ସଂକ୍ରାନ୍ତରେ ଜାଣିଥିଲି ଯେ, ଅମକ ପାପ କର୍ମ ତୁମମାନଙ୍କୁ ନର୍କଗାମୀ କରାଇଦେବ । ତେଣୁ ସେହି ସବୁ କର୍ମ ସଂକ୍ରାନ୍ତରେ ମୁଁ ତୁମମାନଙ୍କୁ କହିଲି ଓ ତୁମମାନଙ୍କୁ ତହିଁରୁ ନିବୃତ୍ତ ରହିବା ନିମନ୍ତେ ଉପଦେଶ ଦେଲି। ଶାନ୍ତି ପ୍ରଦାନକାରୀ ଆତ୍ମା ମୋ ହୃଦୟରେ ଏହି ଐଶୀବାଣୀ ଅବତୀର୍ଣ୍ଣ କଲେ ଯେ, ଯେପର୍ଯ୍ୟନ୍ତ କୌଣସି ଆତ୍ମା ନିଜର ପୂର୍ଣ୍ଣ ଜୀବିକା ପ୍ରାପ୍ତ କରିନେଇ ନାହାନ୍ତି ସେପର୍ଯ୍ୟନ୍ତ ଜୀବିକାରେ କୌଣସି ହ୍ରାସ ପରିଲକ୍ଷିତ ହେବ ନାହିଁ । ଅର୍ଥାତ୍ ଯଦିଚ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସେହି ଜୀବିକା ତା'କୁ ବିଳମ୍ବରେ ପ୍ରାପ୍ତ ହୋଇଥାଉ ନା କାହିଁକି ସେହି ଜୀବିକାରେ ହ୍ରାସବୃଦ୍ଧି ହେବ ନାହିଁ । ଅର୍ଥାତ୍ ଅଲ୍ଲାଃତାଲା ମନୁଷ୍ୟକୁ କର୍ମ ମାଧ୍ୟମରେ ଫଳ ପ୍ରଦାନ କରନ୍ତି । ଏଠାରେ ଜୀବିକାରୁ ଯଥାର୍ଥ ସମସ୍ତ ପ୍ରକାରର ଜୀବିକାକୁ ବୁଝାଏ ।

ସୁତରାଂ ଆପରଣ ସ.ଅ କହିଲେ, ହେ ସାହାବାମାନେ ତୁମେମାନେ ପ୍ରଭୁଙ୍କୁ ଭୟ କର ଏବଂ ଜୀବିକା ଅନ୍ୱେଷଣ କରିବାରେ ତୁମେମାନେ ମଧ୍ୟବର୍ତ୍ତୀ ମାର୍ଗ ଅବଲମ୍ବନ କର । ବିଳମ୍ବରେ ଜୀବିକା ପ୍ରାପ୍ତ ହେବା ତୁମମାନଙ୍କୁ ଉକ୍ତ କଥା ନିମନ୍ତେ ଅନୁପ୍ରାଣିତ ନକରୁ କି ତୁମେମାନେ ଜୀବିକାକୁ ଅଲ୍ଲାଃତାଲାଙ୍କ ପାପ ଓ ଅବଜ୍ଞାରେ ଅନ୍ୱେଷଣ କରି ଅର୍ଥାତ୍ ଖୋଜି ବୁଲୁଥିବ । (ପୁଣ୍ୟ କର୍ମ ସମ୍ପାଦନ କର, ସର୍ବୋଚ୍ଚ ଉତ୍ତମ ଚରିତ୍ର ପ୍ରଦର୍ଶନ କର ଏବଂ ପବିତ୍ର ଜୀବିକା ସନ୍ଧାନରେ ରହିଥାଅ) କାରଣ ଅଲ୍ଲାଃତାଲାଙ୍କ ନିକଟରେ ଯେଉଁ ବସ୍ତୁ ରହିଛି ସେହି ବସ୍ତୁ ଉପରେ ଭକ୍ତ ତାହାଙ୍କ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଆଜ୍ଞା ପ୍ରଦର୍ଶନ ମାଧ୍ୟମରେ ହିଁ ଉପଭୋଗ ଏବଂ ଜୀବିକାର୍ଜନ କରିବାକୁ ସକ୍ଷମ ହୋଇପାରିବ । ତୁମମାନଙ୍କ ନିମନ୍ତେ ଅଲ୍ଲାଃତାଲା ବୈଧ ଓ ଅବୈଧକୁ ସ୍ୱଷ୍ଟ ରୂପେ ବର୍ଣ୍ଣନା କରି ଦେଇଛନ୍ତି । କିନ୍ତୁ ଏହି ଦୁହିଁଙ୍କ ମଧ୍ୟରେ ଅନେକ ସନ୍ଦିଗ୍ଧ ତଥା ଶଙ୍କାୟମାନ ବସ୍ତୁଗୁଡ଼ିକ ମଧ୍ୟ ରହିଛି ଯାହା ସଂପର୍କରେ ଅନେକ ଲୋକମାନେ ଅବଗତ ନୁହନ୍ତି ଅର୍ଥାତ୍ ଅନବଗତ ଅଟନ୍ତି । କିନ୍ତୁ ଯେଉଁ ବ୍ୟକ୍ତିକୁ ଅଲ୍ଲାଃତାଲା ସୁରକ୍ଷିତ ବା ଜୀବିତ ରଖନ୍ତି ସେହି ବ୍ୟକ୍ତି ଉକ୍ତ ବସ୍ତୁ ସଂପର୍କରେ ଜାଣିଥାଏ । ଅର୍ଥାତ୍ ଅବଗତ ହୋଇଥାଏ । ଅତଏବ୍ ଯେଉଁ ବ୍ୟକ୍ତି ଅଲ୍ଲାଃତାଲା ଓ ତାହାଙ୍କ ଗ୍ରନ୍ଥରେ ବର୍ଣ୍ଣିତ ଅପକର୍ମକୁ ପରିତ୍ୟାଗ କରିଦେବ ତେବେ ସେ ନିଜର ଆତ୍ମସମ୍ମାନ ଏବଂ ନିଜ ଧର୍ମର ରକ୍ଷା କରିବ । ଆଉ ଯେଉଁ ବ୍ୟକ୍ତି ଅପକର୍ମରେ ଲିପ୍ତ ହୋଇଯିବ (ଅର୍ଥାତ୍ ଭୁଲ୍ ଜିନିଷରେ (କର୍ମରେ) ଲିପ୍ତ ହୋଇଯିବ) ତେବେ ସେ ସେହି ପଶୁ ଚରାଳୀ ପରି ଅଟେ ଯିଏ ଚାରଣ ଭୂମି ନିକଟବର୍ତ୍ତୀ ଥିବ । ସେ ସେହି ଚାରଣ ଭୂମିରେ ଚାଲିଯିବ ଯାହାକି ପ୍ରତ୍ୟେକ ସମ୍ରାଟଙ୍କ ନିଷିଦ୍ଧ ଚାରଣ ଭୂମି ହୋଇଥାଏ। ତୁମେମାନେ ଶୁଣିନିଅ ! ନିଃସନ୍ଦେହ ରୂପେ ଅଲ୍ଲାଃତାଲାଙ୍କ ନିଷିଦ୍ଧ ଚାରଣଭୂମି ହେଉଛି ତାହାଙ୍କ ଦ୍ୱାରା ନିର୍ଦ୍ଧାରିତ ଅବୈଧ ଓ ବର୍ଜିତ ବସ୍ତୁ (ସେହି ଅପକର୍ମରୁ ବର୍ତ୍ତିବାକୁ ଚେଷ୍ଟା କର ଯାହାକି ସ୍ୱଷ୍ଟ ରୂପେ ଅବୈଧ ବୋଲି ଘୋଷିତ) ବିଶ୍ୱାସକାରୀମାନେ ସମସ୍ତ ବିଶ୍ୱାସକାରୀମାନଙ୍କ ମଧ୍ୟରେ ଏପରି ଅଟନ୍ତି ଯେପରିକି ମସ୍ତିଷ୍କ ଶରୀର ସହିତ ସଂଲଗ୍ନ ହୋଇଥାଏ । ଅର୍ଥାତ୍ ଯେତେବେଳେ ମସ୍ତିଷ୍କ (ମୁଣ୍ଡ)ରେ ବ୍ୟଥା ଓ ଯନ୍ତ୍ରଣା ଅନୁଭୂତ ହୁଏ ସେତେବେଳେ ସେହି କୋପରୁ ସମଗ୍ର ଶରୀରରେ ପୀଡ଼ା ଏବଂ ଯନ୍ତ୍ରଣା ଅନୁଭୂତ ହୋଇଥାଏ । **(ସବଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-189-190, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ହୁଜୁର ଅନ୍ଓ୍ୱର୍ ଅ.ବ କହିଲେ, ଉପରୋକ୍ତ କଥାକୁ ଆଜି ଯଦି ମୁସଲମାନମାନେ ମନେ ରଖିଥାଆନ୍ତେ ତେବେ କୌଣସି ଶତ୍ରୁକୁ ଆଖି ଉଠାଇ ଦେଖିବାକୁ ସାହାସ ହୋଇ ନଥାଆନ୍ତା । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ବର୍ଣ୍ଣନା କରନ୍ତି : "ଓ୍ୱହୋଦ୍ ଯୁଦ୍ଧ..........ଶତ୍ରୁ ମକ୍କାରୁ ଆସି ମଦିନା ଠାରେ ପହଞ୍ଚିଲେ । ଅର୍ଥାତ୍ ଓ୍ୱହୋଦ୍ ଯୁଦ୍ଧ ଦିନ ।" ସେହି ଯୁଦ୍ଧ ସରଞ୍ଜାମ ଯାହାକୁ ଅବୁ ସୁଫିୟାନ ସିରୀୟରୁ ଆଣିଥିଲା ଏବଂ ଯେଉଁ ଷଡ଼ଯନ୍ତ୍ରକୁ ପ୍ରତିହତ ଏବଂ ପଣ୍ଡ କରିବା ନିମନ୍ତେ ଆଁହଜରତ ସ.ଅଙ୍କୁ ବଦର୍ ପର୍ଯ୍ୟନ୍ତ ଯାତ୍ରା କରିବାକୁ ପଡ଼ିଥିଲା । ଯେଉଁ ଯୁଦ୍ଧରେ ଅବିଶ୍ୱାସକାରୀଙ୍କ ମର୍ଯ୍ୟାଦା, ଗାରିମା ଏବଂ ଅହଂକାର ଭଙ୍ଗ ହୋଇଥିଲା । ବର୍ତ୍ତମାନ ସେହି ଯୁଦ୍ଧ ସରଞ୍ଜାମ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ ନିମନ୍ତେ ଏକତ୍ରିତ କରାଗଲା । ଅତଏବ୍ ପବିତ୍ର କୁରଆନ୍ କରୀମ୍ ସେହି ସରଞ୍ଜାମ ଏବଂ ଯୁଦ୍ଧୀୟ ଜିନିଷ ପତ୍ର ଓ ଯୁଦ୍ଧ ନିମନ୍ତେ ବ୍ୟୟକାରୀ ଆଡ଼କୁ ଇଙ୍ଗିତ କରି କୁହନ୍ତି اِنَّ الَّذِیۡنَ کَفَرُوۡا یُنۡفِقُوۡنَ اَمۡوَالَہُمۡ لِیَصُدُّوۡا عَنۡ سَبِیۡلِ اللّٰہِ فَسَیُنۡفِقُوۡنَہَا ثُمَّ تَکُوۡنُ عَلَیۡہِمۡ حَسۡرَۃً **(ଅନ୍ଫାଲ୍: 37)** ଯେଉଁମାନେ ଅବିଶ୍ୱାସ କରିଛନ୍ତି, ବାସ୍ତବରେ ସେମାନେ ଅଲ୍ଲାଃତାଲାଙ୍କ ପଥରୁ ଲୋକମାନଙ୍କୁ ପ୍ରତିରୋଧ କରିବା ପାଇଁ ନିଜର ଧନ ବ୍ୟୟ କରନ୍ତି, ସୁତରାଂ ସେମାନେ ଏହିପରି ଭାବରେ ଧନ ବ୍ୟୟ କରିବେ । ପରିଶେଷରେ ଏହା ସେମାନଙ୍କ ପାଇଁ ଏକ ଅନୁଶୋଚନା ହେବ ଓ ତତ୍ପରେ ସେମାନଙ୍କୁ ଦମନ କରି ହେବ । ସେହିପରି ଯେଉଁମାନେ ଅବିଶ୍ୱାସ କରିଛନ୍ତି ସେମାନଙ୍କୁ ନରକ ଆଡ଼କୁ ଏକତ୍ରିତ କରି ନିଆଯିବ।

ଉକ୍ତ ଯୁଦ୍ଧରେ କୁରେଶ୍ମାନଙ୍କ ସହିତ ବନି ତିହାମା ଓ ବନି କିନାନା ସଂପ୍ରଦାୟମାନେ ମଧ୍ୟ ସାମିଲ୍ ହୋଇଯାଇଥିଲେ । ଅବିଶ୍ୱାସକାରୀଙ୍କ ସୈନ୍ୟ ସଂଖ୍ୟା 3000 ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ସୈନ୍ୟବାହିନୀ ମଧ୍ୟରେ 700 ଲୌହ କବଚ ପରିଧାନକାରୀ ଆରୋହୀ ଥିଲେ ଏବଂ ସମସ୍ତେ ଯୁଦ୍ଧ କୌଶଳ ସଂକ୍ରାନ୍ତରେ ଅବଗତ ଥିଲେ । କାରଣ ସେମାନେ ଖୁବଶୀଘ୍ର ମୁସଲମାନମାନଙ୍କ ଠାରୁ ପ୍ରତିଶୋଧ ନେବେ। ଏହି ଛୋଟ ଛୋଟ ସଂପ୍ରଦାୟର ସଂପୂର୍ଣ୍ଣ କ୍ରୋଧ ଅବୁ ସୁଫିୟାନ୍‌ର ନେତୃତ୍ୱରେ ମଦିନାର ଉତ୍ତର ଦିଗରେ ଏକ ବିଶେଷ ସ୍ଥାନରେ ନିଜର ଯୁଦ୍ଧ କେନ୍ଦ୍ରକୁ ଭଲ ଭାବରେ ମଜଭୁତ କରି ନେଇଥିଲେ ଏବଂ ତହିଁରେ ଓ ମଦିନା ସହରର ସୀମା ମଧ୍ୟରେ ବ୍ୟବଧାନ କେବଳ ଏକ ଓ୍ୱହୋଦ୍ ଗୁମ୍ଫାର ଉପତ୍ୟକା ରହି ଯାଇଥିଲା । ଉକ୍ତ ସ୍ଥାନରେ ଯୁଦ୍ଧକେନ୍ଦ୍ର କରି ଅବଜ୍ଞାକାରୀମାନେ ମଦିନାବାସୀଙ୍କ ଚାଷଜମି ଏବଂ ଉଦ୍ୟାନଗୁଡ଼ିକୁ ଧ୍ୱଂସ କରିବା ଆରମ୍ଭ କରିଦେଲେ । ଏହା ଦେଖି ସାହାବାମାନେ କ୍ରୋଧ ଜର୍ଜରିତ ହୋଇ ଉଠିଲେ ଏବଂ ଇସ୍‌ଲାମ୍ ଧର୍ମର ସାହାଯ୍ୟ କରିବା ନିମନ୍ତେ ଓ ପ୍ରତିଶୋଧ ନେବା ନିମନ୍ତେ ସକ୍ରିୟ ହୋଇ ଉଠିଲେ । ଆଁହଜରତ ସ.ଅ ପୂର୍ଣ୍ଣ ରୂପେ ଆତ୍ମରକ୍ଷା କରିବା ନିମନ୍ତେ ସାହାବାମାନଙ୍କୁ ନିବେଦନ କଲେ । ଆପଣ ସ.ଅ ସହସ୍ର ଲୋକମାନଙ୍କୁ ଧରି ମୁକାବିଲା କରିବା ନିମନ୍ତେ ମଦିନା ବାହାରକୁ ବାହାରିଲେ । ଅବ୍ଦୁଲ୍ଲାଃ ବିନ୍ ଉବେ ନାମକ ଜଣେ ଅଧିପତି ମଦିନାରେ ବାସ କରୁଥିଲେ ଏବଂ ସେ ପ୍ରକାଶ୍ୟ ରୂପେ ମୁସଲମାନମାନଙ୍କ ସହିତ ଥିଲା । କିନ୍ତୁ ଠିକ୍ ଯୁଦ୍ଧ ସମୟରେ ଏବଂ ସେହି ସନ୍ଧିକ୍ଷଣ ମୁହୂର୍ତ୍ତରେ ନିଜର 300 ସାଥିମାନଙ୍କ ସମେତ ମୁସଲମାନମାନଙ୍କ ଠାରୁ ପୃଥକ୍ ହୋଇଗଲା । ଫଳତଃ ମୁସଲମାନମାନଙ୍କର ମୋଟ୍ ସୈନ୍ୟ ସଂଖ୍ୟା 1000ରୁ 700କୁ ଖସି ଆସିଲା । ଏହି ସ୍ୱଳ୍ପ ସଂଖ୍ୟ ସୈନ୍ୟବାହିନୀରେ ମୋଟ୍ 2ଟି ଅଶ୍ୱ ଥିଲେ । କିନ୍ତୁ ମୁଜାହିଦୀନ୍ (ସଂଗ୍ରାମୀ)ମାନଙ୍କର ସାହାସିକ ପାଦ ଅହରହ ଭାବରେ ଆଗକୁ ଅଗ୍ରସର ହେଉଥିଲା । ସେମାନେ ଖିରମାର ଖଜୁରୀ ଉଦ୍ୟାନ ମଧ୍ୟ ଦେଇ ଓ୍ୱହୋଦ୍ ପର୍ବତ ଠାରେ ପହଞ୍ଚିଗଲେ । ଇସଲାମୀୟ ସୈନ୍ୟବାହିନୀ ଅହୋରାତ୍ର ସେହି ପର୍ବତର କୋରଡ଼ ଅର୍ଥାତ୍ ଗୁମ୍ଫାରେ ପଡ଼ି ରହିଥିଲା । ସକାଳ ନମାଜ ପାଠ କରି ଯୁଦ୍ଧ ଭୂମିରେ ଅବତରଣ କଲେ । ଅର୍ଥାତ୍ ସେତେବେଳେ ଯୁଦ୍ଧ ଆରମ୍ଭ ହେଲା । **(ଫସ୍‌ଲୁଲ୍ ଖିତାବ୍, ଭାଗ-1, ପୃ-124-125)**

ହୁଜୁର ଅନ୍ଓ୍ୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆସନ୍ତା ଖୁତ୍‌ବାରେ ମୁଁ ବର୍ଣ୍ଣନା କରିବି । ମୁଁ ପ୍ରତ୍ୟେକ ଖୁତ୍‌ବାରେ ଆପଣମାନଙ୍କୁ ପାଲେଷ୍ଟାଇନ୍ ମାନଙ୍କ ଦୁଆ କରିବା ନିମନ୍ତେ କହିଥାଏ । ଆପଣମାନେ ସେମାନଙ୍କ ପାଇଁ ଦୁଆ କରନ୍ତୁ । ଯେପରିକି ମୁଁ କହିଲି, ବିଗତ ଦିନମାନଙ୍କରେ ଯୁଦ୍ଧ ସମାପ୍ତ ହେବା ପରେ ଇସ୍ରାଇଲୀୟ ସରକାର ପୁନଃ ସେହି ନିରୀହ ଲୋକମାନଙ୍କ ଉପରେ ପୂର୍ବ ଅପେକ୍ଷା ଅଧିକ ଗାଜାର ଅଞ୍ଚଳରେ ବୋମା ବର୍ଷଣ ଓ ଆକ୍ରମଣ କରୁଛି । ଏହି ଯୁଦ୍ଧ ଓ ବୋମା ବର୍ଷଣ ଫଳରେ ନିରୀହ ପିଲାମାନେ ଏବଂ ସାଧାରଣ ନାଗରିକମାନେ ଶହୀଦ୍ ହେଉଛନ୍ତି । ବର୍ତ୍ତମାନ ଏହି କାର୍ଯ୍ୟନୁଷ୍ଠାନ ବିରୁଦ୍ଧରେ ଆମେରିକାର ଜଣେ କଂଗ୍ରେସର ପ୍ରତିନିଧି ଯେକି ଇହୁଦୀ ଅଟନ୍ତି, ସେ ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନ ବହୁତ ହୋଇଗଲା । ଆମେରିକାକୁ ଉକ୍ତ ଯୁଦ୍ଧକୁ ରୋକିବା ନିମନ୍ତେ ନିଜର ଭୂମିକା ନିର୍ବାହ କରିବା ଉଚିତ୍ । ଆମେରିକାର ରାଷ୍ଟ୍ରପତି ମଧ୍ୟ ଅହରହ ବର୍ତ୍ତମାନ ଏହି ବିବୃତ୍ତି ରଖୁଛନ୍ତି ଯେ, ଏହି ସିଜ୍ ଫାଏରିଂ (ଅସ୍ତ୍ର ଗୁଳି ଫୁଟେଇବା) ବନ୍ଦ୍ ହେବା ଉଚିତ୍ । ଉତ୍ତର ଦକ୍ଷିଣରେ ଯେଉଁ ବୋମା ଓ ଗୋଳାବାରୁଦର ବର୍ଷା ହେଉଛି ସେହି ଗୋଳା ଓ ବୋମା ବର୍ଷଣ ବନ୍ଦ ହେବା ଉଚିତ୍ । ପୂର୍ବେ ଏହି ଇସ୍ରାଇଲୀୟ ସେନା କହୁଥିଲା କି ଦକ୍ଷିଣ ଦିଗକୁ ଚାଲିଯାଅ କିଛି ହେବ ନାହିଁ । ବର୍ତ୍ତମାନ ସେଠାରେ ମଧ୍ୟ ଏହି ଅବସ୍ଥା ରହିଛି । ସେ ଯାହା ହେଉ ଆମେରିକା ରାଷ୍ଟ୍ରପତିଙ୍କ ଏହି ଶବ୍ଦ ରହିଛି ଏହା ମନୁଷ୍ୟର କୌଣସି ସହାନୁଭୂତି ନୁହେଁ । ଆମମାନଙ୍କୁ ଏହି ଭ୍ରମରେ ରହିବା ଉଚିତ୍ ନୁହଁ । ବରଂ ଏହା ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଯୋଗୁଁ ରହିଛି । ଅର୍ଥାତ୍ ଆମେରିକାରେ ଆଗକୁ ନିର୍ବାଚନ ହେବାକୁ ଅଛି ଏବଂ ସେଠାକାର ଯୁବ ପିଢ଼ୀ ଏହି ପ୍ରତିକ୍ରିୟା ବର୍ତ୍ତମାନ ପ୍ରଦର୍ଶନ କରୁଛନ୍ତି ଯେ, ଯୁଦ୍ଧ ସମାପ୍ତ ହେବା ଉଚିତ୍ ଏହିପରି ଭାବରେ ମୁସଲମାନମାନେ ଯେଉଁମାନେ ଆମେରିକାର ନାଗରିକ ଅଟନ୍ତି ସେମାନେ ସ୍ୱରୋତ୍ତୋଳନ କରୁଛନ୍ତି । ତେଣୁ ଏମାନେ ନିଜର ଭୋଟ୍ ବ୍ୟାଙ୍କ ନିମନ୍ତେ ଏସବୁ କାମ କରୁଛନ୍ତି । ଏମାନଙ୍କୁ ମୁସଲମାନମାନଙ୍କ ସହିତ ଓ ପାଲେଷ୍ଟାଇନ୍‌ବାସୀଙ୍କ ସହିତ କୌଣସି ସହାନୁଭୂତି ଏବଂ ସମବେଦନା ନାହିଁ ।

ହୁଜୁର ଅନ୍ଓ୍ୱର୍ ଅ.ବ କହିଲେ, ପୁନଶ୍ଚ ମୁସଲମାନ ରାଷ୍ଟ୍ରମାନେ ରହିଛନ୍ତି। ମୁସଲମାନ ଦେଶମାନଙ୍କର କଣ୍ଠରେ କିଛିଟା ଉଚ୍ଚ ସ୍ୱର ସୃଷ୍ଟି ହେଉଛି । କିନ୍ତୁ ଯେତେବେଳେ ଏକ ହୋଇ ଯୁଦ୍ଧ ବନ୍ଦ୍ କରିବା ନିମନ୍ତେ ଚେଷ୍ଟା କରାଯାଇ ନାହିଁ ସେପର୍ଯ୍ୟନ୍ତ କୌଣସି ଫଳପ୍ରଦ ହେବ ନାହିଁ । ଅଲ୍ଲାଃତାଲା ମୁସଲମାନମାନଙ୍କ ମଧ୍ୟରେ ମଧ୍ୟ ଏକତା ସୃଷ୍ଟି କରନ୍ତୁ । **ଆମିନ୍ ।**

ଅଣମୁସଲମାନମାନଙ୍କୁ ମଧ୍ୟ ଜଣା ଯେ, ମୁସଲମାନମାନଙ୍କ ମଧ୍ୟରେ ଏକତା ନାହିଁ। ମୁସଲମାନ୍ ମୁସଲମାନ୍‌କୁ ହତ୍ୟା କରିବା ନିମନ୍ତେ ଉଦ୍ୟମରତ, ୟମନ୍‌ରେ କ'ଣ ସବୁ ଘଟୁ ନାହିଁ କି ? ସେହିପରି ଅନ୍ୟ ରାଷ୍ଟ୍ରମାନେ ରହିଛନ୍ତି। ସହସ୍ର ସହସ୍ର ବରଂ ଲକ୍ଷ ଲକ୍ଷ ନିରୀହି ଛୋଟ ପିଲାମାନେ ରହିଛନ୍ତି । ସେହି ପିଲାମାନେ ମୁସଲମାନମାନଙ୍କର ହସ୍ତରୁ ନିହତ ହେଉଛନ୍ତି । ଏହିସବୁ ବସ୍ତୁ ଅଣମୁସଲମାନମାନଙ୍କୁ ସାହାସ ପ୍ରଦାନ କରୁଛି ଯେ, ସେମାନଙ୍କ ଉପରେ ମଧ୍ୟ ଅତ୍ୟାଚାର କର ତଥାପି କୌଣସି ଫରକ୍ ପଡୁ ନାହିଁ । ଏମାନେ ତ' ସ୍ୱୟଂ ନିଜ ଉପରେ ଅତ୍ୟାଚାର କରୁଛନ୍ତି । ଅଲ୍ଲାଃତାଲା କରନ୍ତୁ କି ମୁସଲମାନମାନେ ଏକ ହୋଇ ସଂସାରରୁ ଅନ୍ୟାୟ ଓ ଅତ୍ୟାଚାର ସମାପ୍ତ କରିବାର ମାଧ୍ୟମ ହୋଇଯାଆନ୍ତୁ । ନା କି ପରସ୍ପର ସହିତ କଳହ କରନ୍ତୁ, ପରସ୍ପର ପ୍ରତି ଅନ୍ୟାୟ ଏବଂ ଅତ୍ୟାଚାର କରନ୍ତୁ । ୟୁ.ଏନ୍ ନିଜର ସ୍ୱର କିଛିଟା ଉଚ୍ଚ କରିବା ପାଇଁ ଚେଷ୍ଟା କରିଛି । କିନ୍ତୁ ୟୁ.ଏନ୍‌ର କଥା ଓ ସ୍ୱରକୁ କିଏ ଶୁଣୁଛି ତଥା କିଏ ବା ଖାତିର କରୁଛି ? ଏମାନେ ଏହା କହି ଦେଉଛନ୍ତି ଯେ, ଆମକ ଅମକ କରିଦେବୁ ସମକ କରିଦେବୁ କିନ୍ତୁ ଏମାନେ କିଛି କରିପାରିବେ ନାହିଁ । ସେମାନଙ୍କ କଥା କେହି ଶୁଣୁ ନାହିଁ । ଯେଉଁ ବୃହତ୍ ଶକ୍ତିମାନେ ରହିଛନ୍ତି ସେମାନେ ନିଜର ଅଧିକାର ଏବଂ ନିଜ କ୍ଷମତାର ଦୁରୁପଯୋଗ କରିନେଉଛନ୍ତି । ଅଲ୍ଲାଃତାଲା ମୁସଲମାନମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ।

ହୁଜୁର ଅନ୍ଓ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ଅନ୍ୟାୟକୁ ରୋକିବା ନିମନ୍ତେ ପୂର୍ବେ ମଧ୍ୟ ମୁଁ ଜମାଅତ୍‌ମାନଙ୍କ ମାଧ୍ୟମରେ ଏହି ବାର୍ତ୍ତା ପ୍ରେରଣ କରିଥିଲି ଯେ, ଆମମାନଙ୍କୁ ଦୁଆ ସହିତ ନିଜ ପରିଧି ବଳୟ ମଧ୍ୟରେ ବାସ କରୁଥିବା ଲୋକ ଏବଂ ନିଜ ଅଞ୍ଚଳର ରାଜନୈତିକ ନେତୃବୃନ୍ଦମାନଙ୍କୁ ଅତ୍ୟାଚାର ସମାପ୍ତ କରିବା

ନିମନ୍ତେ ସ୍ୱରୋତ୍ତୋଳନ କରିବା ସକାଶେ ଅହରହ ଧ୍ୟାନ ଆକର୍ଷଣ କରିବା ଉଚିତ୍। ସେହିପରି ନିଜ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ମଧ୍ୟ ଉକ୍ତ କଥା ପ୍ରଚାର କରନ୍ତୁ କି ଉକ୍ତ ଅନ୍ୟାୟ ଓ ଅତ୍ୟାଚାରକୁ ସମାପ୍ତ କରିବା ନିମନ୍ତେ ଆମମାନଙ୍କୁ ଉଦ୍ୟମ କରିବା ଉଚିତ୍ । ଅଲ୍ଲାଃତାଲା ନିରୀହମାନଙ୍କୁ ଅତ୍ୟାଚାରରୁ ରକ୍ଷା କରନ୍ତୁ ଓ ସେମାନଙ୍କୁ ଉକ୍ତ ବିପତ୍ତିରୁ ଉଦ୍ଧାର କରନ୍ତୁ । **ଆମିନ୍** ।

ହୁଜୁର ଅନ୍ୱର୍ ଅ.ବ କହିଲେ, ନମାଜ ଜୁମା ପରେ ମୁଁ ଦୁଇଟି ନମାଜ୍ ଯନାଜାଃ ଗାଏବ୍ (ଅନୁପସ୍ଥିତ) ପାଠ କରାଇବି । ପ୍ରଥମ ଯନାଜାଃ ହେଲା ହଲାଣ୍ଡର ମୁବଲ୍ଲିଗ୍ ସିଲ୍‌ସିଲା ଶ୍ରୀମାନ୍ ଅବ୍‌ଦୁଲ୍ ହକିମ୍ ଅକ୍‌ମଲ୍ ସାହେବଙ୍କ ପତ୍ନି ଶ୍ରୀମତୀ ସ୍ୱର୍ଗତା ମସ୍‌ଉଦା ବେଗମ୍ ଅକ୍‌ମଲ୍ ସାହେବାଙ୍କର । ବିଗତ ଦିନରେ ତାଙ୍କର ବିୟୋଗ ହୋଇଯାଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସ୍ୱର୍ଗତା ମସ୍‌ଉଦା ବେଗମ୍ ସାହେବାଙ୍କର ନନା (ଅଜା) ହ. ମିଆଁ ଅବ୍‌ଦୁସ୍ ସମଦ୍ ସାହେବ ଓ ପଣ ନନା (ଅଜାଙ୍କ ଅଜା) ହ. ମିଆଁ ଫତେହ୍ ଦିନ୍ ସେଖ୍‌ୱାଁ ସାହେବ୍ କାଦିଆନ୍‌ର ଅଧିବାସୀ ଥିଲେ । ଏମାନେ ଦୁହେଁ ହ. ମସିହ୍ ମଉଦ୍ ଅ.ସଙ୍କର ସାହାବି ଅଟନ୍ତି । ସ୍ୱର୍ଗତା ମସ୍‌ଉଦା ବେଗମ୍ ସାହେବା ଦୀର୍ଘ ଦିନ ପର୍ଯ୍ୟନ୍ତ ନିଜର ସ୍ୱାମୀଙ୍କ ସହିତ ହଲାଣ୍ଡରେ ରହି ଧର୍ମ ସେବାରେ ନିମଗ୍ନ ରହିଥିଲେ । 1957 ମସିହାରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଆଦେଶ କ୍ରମେ ଅକ୍‌ମଲ୍ ସାହେବ ପ୍ରଥମ ଥର କରି ହଲାଣ୍ଡ ଗଲେ ଏବଂ ତାଙ୍କର ପତ୍ନି ତାଙ୍କ ସହିତ ନଥିଲେ 1969 ମସିହାରେ ତାଙ୍କର ପତ୍ନି ତାଙ୍କର ସହିତ ଯାଇଥିଲେ । ସେ ପୁନଃ ସ୍ୱଦେଶ ଫେରି ଆସିଥିଲେ । ପୁନଶ୍ଚ 1986 ମସିହାରେ ସେ ସ୍ୱାମୀଙ୍କ ସହିତ ହଲାଣ୍ଡ ଗଲେ । ନିଜର ବୈବାହିକ ଜୀବନରେ ସେ ନ୍ୟୁନାଧିକ 15 ବର୍ଷ କାଳ ନିଜର ସ୍ୱାମୀ ବାହ୍ୟ ଦେଶରେ ନିଯୁକ୍ତ ହୋଇଥିବା ହେତୁ ନିଜ ସ୍ୱାମୀଙ୍କ ଠାରୁ ପୃଥକ୍ ରହିଥିଲେ ଏବଂ ଏକାନ୍ତରେ ନିଜର ଜୀବନ ଅତିବାହିତ କିରଥିଲେ ।

ହଲାଣ୍ଡ ଜମାଅତ୍ ସ୍ଥାପନ ସମୟରେ ତାଙ୍କର ଅର୍ଥାତ୍ ମସ୍‌ଉଦା ବେଗମ୍ ସାହେବାଙ୍କର ଅତୁଳଳନୀୟ ଅବଦାନ ଏବଂ ଚର୍ଚ୍ଚାଯୋଗ୍ୟ ସେବା ମଧ୍ୟରେ ଲଜ୍‌ନା ଇମାଇଲ୍ଲାଃ ହଲାଣ୍ଡ୍‌ର ସ୍ଥାପନା ବିଶେଷ ରୂପେ ଅନ୍ତର୍ଭୁକ୍ତ ଅଟେ । ଲଜ୍‌ନା ଇମାଇଲ୍ଲାଃ ହଲାଣ୍ଡର ପ୍ରଥମ ସଦର୍ ହେବାର ସମ୍ମାନ ମଧ୍ୟ ସ୍ୱର୍ଗତାକୁ ପ୍ରାପ୍ତ ହୋଇଛି । ଖିଲାଫତ୍ ସହିତ ଅତ୍ୟନ୍ତ ନିଷ୍ଠା ଏବଂ ବିଶ୍ୱସ୍ତତାମୂଳକ ଅନାବିଳ ପ୍ରେମ ସଂପର୍କ ରହିଥିଲା । ଧର୍ମପରାୟଣା, ନିୟମିତ ନମାଜ୍ ଓ ରୋଜା ରଖୁଥିଲେ । ସ୍ୱର୍ଗତା ମସ୍‌ଉଦା ବେଗମ୍ ସାହେବା ଓସିୟତ୍ ମଧ୍ୟ କରିଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ତିନି ଜଣ ପୁତ୍ର ସନ୍ତାନ ଏବଂ ଗୋଟିଏ କନ୍ୟା ସନ୍ତାନ ଅଛନ୍ତି । ସମସ୍ତ ସନ୍ତାନମାନେ କୌଣସି ନା କୌଣସି ରୂପେ ଜମାଅତ୍‌ର ସେବା ନିଷ୍ଠାପୂର୍ବକ କରୁଛନ୍ତି । ସ୍ୱର୍ଗତା ମସ୍‌ଉଦା ବେଗମ୍ ସାହେବାଙ୍କର ଗୋଟିଏ ସୁପୁତ୍ର ସଦର୍ ଅନ୍‌ସାରୁଲ୍ଲାଃର ସଭାପତି ଅଟନ୍ତି । ସମ୍ଭବତଃ ସେ ଚଳିତ ବର୍ଷ ଅନ୍‌ସାରୁଲ୍ଲାଃର ସଭାପତି ଭାବରେ ମନୋନୀତ ହୋଇଛନ୍ତି । ଏତଦ୍‌ଭିନ୍ନ ଅନ୍ୟ ସନ୍ତାନମାନେ ମଧ୍ୟ ଜମାଅତ୍‌ର ସେବା କରୁଛନ୍ତି। ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ସନ୍ତାନ ସନ୍ତତିଙ୍କୁ ସ୍ୱର୍ଗତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଉଛି ସ୍ୱର୍ଗତ ମାଷ୍ଟର ଅବ୍‌ଦୁଲ୍ ମଜିଦ୍ ସାହେବଙ୍କର । ଆପଣ ଜଣେ ୱାକ୍‌ଫେ ଜିନ୍ଦିଗୀ ଥିଲେ । ରବ୍‌ୱା ସ୍ଥିତ ତାଲିମୁଲ୍ ଇସଲାମ୍ ହାଇସ୍କୁଲର ଶିକ୍ଷକ ଥିଲେ । ନିଜର କର୍ମମୟ ଜୀବନରୁ ଅବସର ଗ୍ରହଣ କରିବା ପରେ କାନାଡ଼ା ଚାଲି ଆସିଥିଲେ । କାନାଡ଼ା ଠାରେ ହିଁ ଆପଣଙ୍କର ବିୟୋଗ ହୋଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ପତ୍ନିଙ୍କ ବ୍ୟତୀତ 3 ଜଣ ପୁତ୍ର ସନ୍ତାନ ଏବଂ 2 ଜଣ କନ୍ୟା ସନ୍ତାନ ଅଛନ୍ତି ।

ତାଙ୍କର ସୁପୁତ୍ର ମଜ୍‌ହର୍ ମଜିଦ୍ ସାହେବ କୁହନ୍ତି, ପିତାଶ୍ରୀ ଅସଂଖ୍ୟ ସୁଗୁଣାବଳୀର ଅଧିକାରୀ ଥିଲେ । ଅତ୍ୟନ୍ତ ବିନୀତ ଓ ସରଳ ତଥା ସନ୍ଥମାନଙ୍କ ପରି ଜୀବନ ଯାପନ କରୁଥିଲେ । ମାତାଶ୍ରୀ କୁହନ୍ତି ଯେ, ବିବାହ ଠାରୁ ଆରମ୍ଭ କରି ବିୟୋଗ ପର୍ଯ୍ୟନ୍ତ ଆପଣଙ୍କୁ ମୁଁ ଦେବଦୂତ ସୁଲଭ ଗୁଣାବଳୀ ଥିବା ବ୍ୟକ୍ତି ରୂପେ ପାଇଥିଲି । ବିବାହର କିଛି ବର୍ଷ ପରେ ଦିନେ ନମାଜରେ ଆପଣ ଉଚ୍ଚ ସ୍ୱରରେ ଏବଂ କାନ୍ଦି କାନ୍ଦି ଦୁଆ କରୁଥିଲେ । ନମାଜ ସରିବା ପରେ ମୁଁ ପଚାରିଲି, ଆପଣ କାହା ପାଇଁ ଦୁଆ କରୁଛନ୍ତି। ପ୍ରତ୍ୟୁତ୍ତରରେ ସେ କହିବାକୁ ଲାଗିଲେ ଯେ, ମୋର ଏହି ଇଚ୍ଛା ରହିଛି ଯେ, ମୁଁ ନିଜର ଜୀବନକୁ ଉତ୍ସର୍ଗ କରି ରବ୍‌ୱା ସ୍ଥିତ ତାଲିମୁଲ୍ ଇସ୍‌ଲାମ୍ ଉଚ୍ଚ ବିଦ୍ୟାଳୟରେ ଜଣେ ଶିକ୍ଷକ ରୂପେ ସେବା କରିବି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ପୂର୍ବେ ସେ ନିଜ ଅଞ୍ଚଳରେ ଅନ୍ୟ ସ୍ଥାନରେ ବାସ କରୁଥିଲେ । ସୁତରାଂ ସେ ଦୁଆ କରୁଥିଲେ ଯେ, ହେ ଅଲ୍ଲାଃ ! ତୁମ୍ଭେ ମୋର ମନସ୍କାମନାକୁ ପୂର୍ଣ୍ଣ କରିଦିଅ ଏବଂ ମୋର ପତ୍ନିକୁ ମଧ୍ୟ ଉକ୍ତ କଥା ନିମନ୍ତେ ପ୍ରସନ୍ନ ଓ ରାଜି କରାଇ ଦିଅ । ଖୋଲା ହୃଦୟର ବ୍ୟକ୍ତି ଥିଲେ । ସେ ଯାହା ହେଉ ତାଙ୍କ ପତ୍ନି କହିଲେ, ଆପଣ (ହ. ଖଲିଫତୁଲ୍ ମସିହ୍)ଙ୍କ ନିକଟକୁ ତୁରନ୍ତ ପତ୍ର ଲେଖନ୍ତୁ । ଅତଏବ୍ ଅଲ୍ଲାଃତାଲାଙ୍କ କୃପାରୁ ସେ ୱକ୍‌ଫ୍ (ଉତ୍ସର୍ଗ) ନିମନ୍ତେ ଆବେଦନ କଲେ । ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ କାଳର କଥା ହେବ । ହ. ଖଲିଫତୁଲ୍ ମସିହ୍ ସାନି ର.ଅ ସ୍ୱର୍ଗତ ସ୍ୱାମୀଙ୍କ ଆବେଦନକୁ ସ୍ୱୀକାର କରିନେଲେ ଏବଂ ପରବର୍ତ୍ତୀ ସମୟରେ ସ୍ୱର୍ଗତ ସ୍ୱାମୀ ମହୋଦୟ ଓ ଆମେମାନେ ରବ୍‌ୱା ସ୍ଥାନାନ୍ତରିତ ହୋଇଗଲୁ ।

ସ୍ୱର୍ଗତ ମାଷ୍ଟର ମଜିଦ୍ ସାହେବଙ୍କର ସୁପୁତ୍ର କୁହନ୍ତି, ପିତାଶ୍ରୀଙ୍କୁ ପ୍ରତ୍ୟେକ ମାସରେ ଦରମା ଯେତେବେଳେ ପ୍ରାପ୍ତ ହେଉଥିଲା ସେତେବେଳେ ଆପଣ ସର୍ବ ପ୍ରଥମେ ସେକ୍ରେଟାରୀ ମାଲ୍‌ଙ୍କ ପାଖକୁ ଯାଇ ଚାନ୍ଦା ପୈଠ କିର ଦେଉଥିଲେ । ଏହାପରେ ବଳକା ରାଶି ଆଣି ମାତାଶ୍ରୀଙ୍କ ହସ୍ତରେ ଦେଇ ଦେଉଥିଲେ । ରବ୍‌ୱା ଆସିବା ପରେ ଅତ୍ୟନ୍ତ ଜଟିଳ ଓ ପ୍ରତିକୂଳ ପରିସ୍ଥିତିରେ ଜୀବନ ଅତିବାହିତ କରିଥିଲେ । ପିତାଶ୍ରୀ କେବେ ବି କୌଣସି ଅଭିଯୋଗ କରି ନାହାନ୍ତି । କେବେ ବି ସାଂସାରିକ ଇଚ୍ଛା, ଅଭିଳାଷା ଏବଂ ସାଂସାରିକ ବସ୍ତୁର କାମନା କରି ନଥିଲେ । ଭଉଣୀ ଭାଇଙ୍କୁ ସର୍ବଦା ଯଥା ସମୟରେ ନମାଜ ପାଠ କରିବା ଓ ଜମାଅତ୍ ତଥା ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରଖିବା ନିମନ୍ତେ ଉତ୍ସାହିତ ଏବଂ ଅନୁପ୍ରାଣିତ କୁରଥିଲେ। ସେତେବେଳେ ଜମାଅତ୍‌ର ଯେଉଁ ଆର୍ଥିକ ଅବସ୍ଥା ଥିଲା ତାହା ସେତେଟା ସ୍ୱଚ୍ଛଳ ନଥିଲା । ସବୁ ଦର ଦାମ ଏବଂ ଜିନିଷ ପତ୍ର ଓ ଦ୍ରବ୍ୟର ମୂଲ୍ୟ ବହୁତ ମହଙ୍ଗା ଥିଲା । କିନ୍ତୁ ଏସବୁ ସତ୍ତ୍ୱେ ଧୈର୍ଯ୍ୟର ସହିତ ପିତାଶ୍ରୀ ଜୀବନ ଅତିବାହିତ କରିଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମାଷ୍ଟର ଅବଦୁଲ୍ ମଜିଦ୍ ସାହେବଙ୍କର ସୁପୁତ୍ର ପୁନଶ୍ଚ କୁହନ୍ତି, ଯେତେବେଳେ ମୁଁ ବିଦ୍ୟାଳୟ ପାଠ ପଢୁଥିଲି ସେତେବେଳେ ପିତାଶ୍ରୀ ଶିକ୍ଷକ ହୋଇ ଆମ ବିଦ୍ୟାଳୟକୁ ଆସିଥିଲେ ଏବଂ ମୁଁ ପିତାଶ୍ରୀଙ୍କୁ ଦେଖିଥିଲି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା କେବଳ ଜଣେ ସନ୍ତାନର କଥା ନୁହେଁ । ବରଂ ଜଣେ ପୁତ୍ର ନିଜ ପିତାଙ୍କର ପ୍ରଶଂସା କରିଛନ୍ତି । ବାସ୍ତବରେ ତାଙ୍କ ମଧ୍ୟରେ ଅସଂଖ୍ୟ ସୁଗୁଣାବଳୀ ବିଦ୍ୟମାନ ରହିଥିଲା ।

ଅଣଅହେମଦିମାନେ ମଧ୍ୟ ମାଷ୍ଟର ଅବ୍‌ଦୁଲ୍ ମଜିଦ୍ ସାହେବାଙ୍କ ଠାରୁ ବେଶ୍ ପ୍ରଭାବିତ ହୋଇଥିଲେ । ବିଦ୍ୟାଳୟରେ 1973 ମସିହା କିମ୍ବା 1974 ମସିହାରେ କିମ୍ବା ସମ୍ଭବତଃ ଏହାପରେ ଯେତେବେଳେ ବିଦ୍ୟାଳୟ ସରକାରୀ ସମ୍ପତ୍ତିରେ ଅନ୍ତର୍ଭୁକ୍ତ ହେଲା ସେତେବେଳେ ଆପଣ ବିଦ୍ୟାଳୟରେ ହିଁ ରହିଲେ ଏବଂ କିଛି କାଳ ଉଚ୍ଚ ବିଦ୍ୟାଳ୍ୟରେ ହିଁ ଅତିବାହିତ କଲେ । ପୁନଶ୍ଚ 1985 ମସିହାରେ ଯେତେବେଳେ ସରକାର ତାଙ୍କୁ ପଦୋନ୍ନତି ସ୍ୱରୂପ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରି ଭୈରାହ୍ ଜିଲ୍ଲାକୁ ପ୍ରେରଣ କଲା ସେତେବେଳେ ସେଠାକାର ନାଏବ୍ ହେଡ୍‌ମାଷ୍ଟର (ଉପ ପ୍ରଧାନ ଶିକ୍ଷକ) ଯେକି ଜାମେ ମସ୍‌ଜିଦର ଇମାମ୍ ମଧ୍ୟ ଥିଲା ସେ ମାଷ୍ଟର୍ ସାହେବଙ୍କ ଅହେମଦି ହେବା ଯୋଗୁଁ ମାଷ୍ଟର ସାହେବଙ୍କୁ ବିରୋଧ କରିବାକୁ ଲାଗିଲା। କିନ୍ତୁ ଆପଣଙ୍କର ଉତ୍ତମ ଚରିତ୍ରବତ୍ତା ହେବା ଯୋଗୁଁ ସେ ଆପଣଙ୍କୁ ବହୁତ ସମ୍ମାନ ପ୍ରଦର୍ଶନ କରୁଥିଲା । ଅତ୍ୟନ୍ତ ଶିଷ୍ଟତାର ସହିତ ସେ ରହୁଥିଲା । ବର୍ଣ୍ଣନାକାରୀ କୁହନ୍ତି ଯେ, ଦିନେ ମୁଁ ତା'କୁ ଅନ୍ୟ ଶିକ୍ଷକମାନଙ୍କ ସହିତ କଥାବାର୍ତ୍ତା ହେଉଥିବାର ଶୁଣିଲି ଯେ, ଏହି ବ୍ୟକ୍ତି ଜଣକ କାଦିଆନୀ ଧର୍ମବଲମ୍ବୀ ହେବା ସତ୍ତ୍ୱେ ଜଣେ ଦେବଦୂତ ସ୍ୱଭାବର ବ୍ୟକ୍ତି ଅଟନ୍ତି । ଏହିପରି ଭାବରେ ମାଷ୍ଟର ସାହେବ ନିରବତାର ସହିତ ପ୍ରଚାର ମଧ୍ୟ କରୁଥିଲେ ଓ ଶତ୍ରୁମାନଙ୍କ ଉପରେ ପ୍ରଭାବ ମଧ୍ୟ ପକାଉଥିଲେ। ଅନକେ ସମୟରେ ମାଷ୍ଟର ସାହେବଙ୍କ ଛାତ୍ରମାନେ ଆପଣଙ୍କୁ ଭେଟିବାକୁ ଆସୁଥିଲେ ଏବଂ କହୁଥିଲେ, ସାର୍ ! ଆମେମାନେ ଆପଣଙ୍କ ଛାତ୍ର ରହି ଆସିଥିଲୁ। କିନ୍ତୁ ଆପଣ ସେହି ଛାତ୍ରମାନଙ୍କର ଚର୍ଚ୍ଚା କରି ସବୁଠୁ ବେଶୀ ଗର୍ବିତ ହେଉଥିଲେ ଯେଉଁମାନେ ନିଜର ଜୀବନ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରି ଦେଇଥିଲେ । ଏଥି ସଂକ୍ରାନ୍ତରେ ପ୍ରସନ୍ନ ହୋଇ ସେ କହୁଥିଲେ ଯେ, ଅମକ ୱାକ୍‌ଫେ ଜିନ୍ଦୀଗି ମୋର ଛାତ୍ର ଅଟନ୍ତି ଓ ଅମକ ଉତ୍ସର୍ଗୀକୃତ ଜୀବନ ଛାତ୍ରଙ୍କୁ ଆପଣ ବହୁତ ସମ୍ମାନ ଜଣାଉଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିମାନଙ୍କୁ ମଧ୍ୟ ତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ଅର୍ଥାତ୍ ଜାରି ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ☆--☆--☆

## ପବିତ୍ର କୁରଆନ୍‌ରେ ବର୍ଣ୍ଣିତ ବିବେକ ସ୍ୱାଧୀନତା ସଂପର୍କିତ ସଂକ୍ଷିପ୍ତ କଥା

ପବିତ୍ର କୁରଆନର ଶିକ୍ଷାର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଗୁଣ ହେଉଛି ବିବେକ ସ୍ୱାଧୀନତା । ବିଶ୍ୱାସ କରିବା ଲାଗି ଅଲ୍ଲାଃତାଲା ମନୁଷ୍ୟକୁ ସ୍ୱାଧୀନ ଅଭିରୁଚି ଦେଇଛନ୍ତି ଏବଂ ଧର୍ମରେ ବାଧ୍ୟବାଧକତା ପ୍ରୟୋଗ କରିବା ନିମନ୍ତେ କାହାରିକୁ ଅନୁମତି ଦିଆଯାଇ ନାହିଁ । ଧର୍ମବିଶ୍ୱାସ ସଂପର୍କରେ ମନୁଷ୍ୟ ସିଧା ସଳଖ ପ୍ରଭୁଙ୍କ ଠାରେ ଉତ୍ତରଦାୟୀ । ଜୋର ଜବରଦସ୍ତ ତା' ଉପରେ କୌଣସି ଆଦର୍ଶକୁ ଲଦି ଦିଆଯାଇ ପାରିବ ନାହିଁ କିମ୍ବା ସେ ଯାହା ବିଶ୍ୱାସ କରେ ତାକୁ ପରିତ୍ୟାଗ କରିବା ପାଇଁ ବାଧ୍ୟ କରାଯାଇ ପାରିବ ନାହିଁ । ମନୁଷ୍ୟର ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରବର୍ତ୍ତବା ଓ ଯୁକ୍ତି ହେଉଛି ଏକମାତ୍ର ଅନୁମୋଦନୀୟ ପନ୍ଥା । ☆--☆--☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## (ଖୁତ୍‌ବା ଜୁମା)

ରସୁଲୁଲ୍ଲାଃ ସ.ଅ ଅଲ୍ଲାଃତାଲାଙ୍କ ଆସ୍ଥାନରେ ବିନମ୍ରତା, ବିନୀତତା ଓ ଭାକ୍ତିକତାର ସହିତ ଜୟଯୁକ୍ତ ହେବା ନିମନ୍ତେ ଆକୁଳ ରୋଦନ ଏବଂ ପ୍ରାର୍ଥନା କରୁଥିଲେ।"

---

କୌଣସି କମାଣ୍ଡର (ସେନାପତି) ସେ ବୁଦ୍ଧିମାନ ହେଉ ପଛେ ଆପଣ ସ.ଅଙ୍କ ଠାରୁ ଅଧିକ ସୂକ୍ଷ୍ମ ଏବଂ ବ୍ରହ୍ମଜ୍ଞାନ ଓ ତତ୍ତ୍ୱଦର୍ଶୀ ହୋଇ ଯୁଦ୍ଧ ନିମନ୍ତେ ଯୋଜନା ପ୍ରସ୍ତୁତ କରିପାରିବ ନାହିଁ ।

---

ଆପଣ ସ.ଅ ନିଜର ସୈନ୍ୟବାହିନୀ ନିମନ୍ତେ ଯୁଦ୍ଧ ଦୃଷ୍ଟିକୋଣରୁ ସେହି ସ୍ଥାନ ବାଛିଥିଲେ ଯାହାକି ଯୁଦ୍ଧ ଭୂମିରେ ସବୁଠୁ ଉତ୍କୃଷ୍ଟ ସ୍ଥାନ ଥିଲା ।

---

ଲୋକମାନଙ୍କର ଯୁଦ୍ଧର ନିଷ୍ପତ୍ତି ସେମାନଙ୍କ ମଧ୍ୟରେ ଥିବା ଧ୍ୱଜାଧାରୀଙ୍କ ଯୋଗୁଁ ହିଁ ହୋଇଥାଏ । ଧ୍ୱଜାଧାରୀ ଯଦି ଶକ୍ତିଶାଳୀ ହୁଏ ତେବେ ଲୋକମାନେ ସାହାସ କରିଥାଆନ୍ତି । ଯେତେବେଳେ ଧ୍ୱଜାଧାରୀ ଯୁଦ୍ଧ ଭୂମି ଛାଡି ପଳାୟନ କରେ ସେତେବେଳେ ଲୋକମାନେ ମଧ୍ୟ ପଳାୟନ କରନ୍ତି ।

---

ଅବଜ୍ଞାକାରୀମାନଙ୍କ ଧ୍ୱଜାଧାରୀର ବଧ ହେବା ଆଁହଜରତ ସ.ଅଙ୍କ ଉକ୍ତ ସ୍ୱପ୍ନର ପୁଷ୍ଟି ଥିଲା କି ଆଁହଜରତ ସ.ଅ ସ୍ୱପ୍ନରେ ଦେଖିଥିଲେ ଯେ, "ମୁଁ ଅର୍ଥାତ୍ ଆଁହଜରତ ସ.ଅ ମେଣ୍ଢା ଉପେରେ ଆରୋହଣ ହୋଇଛି ।"

---

ଅବୁ ଦୁଜାନା ପଚାରିଲା ଯେ, ଖଡ୍‌ଗର ଅଧିକାର କ'ଣ ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ଖଡ୍‌ଗର ଅଧିକାର ଏହା ଯେ, ଖଡ୍‌ଗ ଦ୍ୱାରା କୌଣସି ମୁସଲମାନ ବ୍ୟକ୍ତିକୁ ହତ୍ୟା କରିବ ନାହିଁ । ଖଡ୍‌ଗ ଥାଉ ଥାଉ କୌଣସି ଅବିଶ୍ୱାସକାରୀ ବିପକ୍ଷରେ ଅର୍ଥାତ୍ ଅବିଶ୍ୱାସକାରୀକୁ ଦେଖି ପଳାୟନ କରିବ ନାହିଁ ।

---

ମୋ ହୃଦୟ ଏଥି ନିମନ୍ତେ ପ୍ରସ୍ତୁତ ନଥିଲା ଯେ, ରସୁଲୁଲ୍ଲାଃ ସ.ଅଙ୍କ ଖଡ଼ଗକୁ ମୁଁ ଏକ ମହିଳା ଉପରେ ପ୍ରହାର କରିବେ ଓ ସେହି ମହିଳା ଉପରେ ମୁଁ ପ୍ରହାର କରିବି ଯାହା ସହିତ କୌଣସି ପୁରୁଷ ଅର୍ଥାତ୍ ତା'ର ରକ୍ଷକ ସ୍ୱାମୀ ମଧ୍ୟ ନାହିଁ । (ଅବୁ ଦୁଜାନା[ର.ଅ])

---

ଆପଣ ସ.ଅ ମହିଳମାନଙ୍କ ପ୍ରତି ସମ୍ମାନ ଏବଂ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ପ୍ରତି ସର୍ବଦା ଶିକ୍ଷା ପ୍ରଦାନ କରୁଥିଲେ । ଯଦ୍ଦ୍ୱାରାକି ଅବିଶ୍ୱାସକାରୀଙ୍କ ମହିଳାମାନେ ଅତ୍ୟନ୍ତ ନିର୍ଭୀକତା ଓ ସାହାସିକତାର ସହିତ ମୁସଲମାନମାନଙ୍କୁ କ୍ଷତି ପହଞ୍ଚାଇବା ନିମନ୍ତେ ଉଦ୍ୟମ କରୁଥିଲେ ।

**ଓହୋଦ୍ ଯୁଦ୍ଧ ସମୟରେ ସମ୍ମୁଖୀନ ହୋଇଥିବା ପରିସ୍ଥିତି ଏବଂ ଘଟଣାବଳୀ ସଂକ୍ରାନ୍ତରେ ପ୍ରଭାବଶାଳୀ ଚର୍ଚ୍ଚା ତଥା ଅତ୍ୟାଚାରୀତ ଏବଂ ନିଷ୍ପେଷିତ ପାଲେଷ୍ଟାଇନ୍‌ବାସୀମାନଙ୍କ ନିମନ୍ତେ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ବରାମ୍ବାର ଆହ୍ୱାନ ।**

ହୁଜୁର ଅନ୍‌ୱର୍ ଅ.ବଙ୍କ କହିଲେ, ପାଲେଷ୍ଟାଇନ୍‌ବାସୀଙ୍କ ନିମନ୍ତେ ଦୁଆ କରୁଥାଆନ୍ତୁ, ଅତ୍ୟାଚାରର ସୀମା ଦିନକୁ ଦିନ ବୃଦ୍ଧି ପାଇ ଚାଲିଛି, ଅଲ୍ଲାଃତାଲା ଏହି ଅତ୍ୟାଚାରୀମାନଙ୍କୁ ଧରିବା ନିମନ୍ତେ ଶୀଘ୍ର ସାଧନ ସୃଷ୍ଟି କରନ୍ତୁ । ଅତ୍ୟାଚାରିତ ତଥା ନିଷ୍ପେଷିତ ପାଲେଷ୍ଟାଇନ୍‌ବାସୀଙ୍କ ନିମନ୍ତେ ମଧ୍ୟ ସହଜତା ସୃଷ୍ଟି କରନ୍ତୁ । ମୁସଲମାନମାନ ରାଷ୍ଟ୍ରମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ଦିଅନ୍ତୁ ଯେ, ସେମାନଙ୍କର ଏକ ସ୍ୱର ହେଉ । ସେମାନେ ମଧ୍ୟ ମୁସଲମାନ ଭାଇମାନଙ୍କ ନିମନ୍ତେ ନିଜର ଅଧିକାର ତଥା କର୍ତ୍ତବ୍ୟ ସମ୍ପଦାନ କରିବା ନିମନ୍ତେ ଉଦ୍ୟମକାରୀ ବ୍ୟକ୍ତି ରୂପେ ପରିଗଣିତ ହୁଅନ୍ତୁ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 15 DECEMBER 2023 ମସିହା ଅନୁଯାୟୀ ୧୫/ଫତହ୍ ୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ବିଗତ ଖୁତବା ଜୁମାରେ ଆଁହଜରତ୍ ସ.ଅଙ୍କ ଜୀବନୀ ସଂପର୍କରେ ଓହୋଦ୍ ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ଏହାର ଅତିରିକ୍ତ ବିସ୍ତୃତ ବିବରଣୀ ଏହିପରି ଅଟେ ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ଓହୋଦ ପର୍ବତ ସ୍ଥିତ ଯୁଦ୍ଧ ଭୂମିରେ ଶିବିର ସ୍ଥାପନ କଲେ ସେତେବେଳେ ମୁସଲମାନ ସୈନ୍ୟବାହିନୀ ଉପରେ ଏକ ପାର୍ଶ୍ୱରୁ ପଶ୍ଚାତ ଭାଗରେ ଓହୋଦ ପର୍ବତ ଥିଲା ଯଦ୍ଦ୍ୱାରାକି ମୁସଲମାନ ମୁସଲମାନ ସୈନ୍ୟବାହିନୀ ପଛ ପଟୁ ଆକ୍ରମଣ ହେବାର ଯେଉଁ ଆଶଙ୍କା ରହିଥିଲା ତହିଁରୁ ସୁରକ୍ଷିତ ହୋଇଯାଇଥିଲେ। କିନ୍ତୁ ପର୍ବତର ଗୋଟିଏ ପାର୍ଶ୍ୱରେ ଏପରି ଏକ ମାର୍ଗ ଥିଲା ଯେଉଁ ମାର୍ଗ ଦେଇ ଶତ୍ରୁ ପକ୍ଷ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିପାରି ଥାଆନ୍ତା । ସୁତରାଂ ରସୁଲୁଲ୍ଲାଃ ସ.ଅ ସମୟରେ ଏହି ମୃଦୁଳତା ଅର୍ଥାତ୍ ଆବଶ୍ୟକତା ତଥା ବିପଦକୁ ଅନୁଭବ କରି 50 ଧନୁର୍ଦ୍ଧର ସାହାବାମାନଙ୍କର ଏକ ସୈନ୍ୟବାହିନୀ ଅବ୍‌ଦୁଲ୍ଲାଃ ବିନ ଜୁବୈର୍ ର.ଅଙ୍କୁ ଅମୀର କଲେ ଏବଂ ତାଙ୍କୁ ସେହି ସ୍ଥାନର ବା ସେହି ମାର୍ଗରେ ମୁତୟନ କଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-487)**

ସେହି ଧନୁର୍ଦ୍ଧରମାନଙ୍କୁ ଆପଣ ସ.ଅ ଯେଉଁ ମାର୍ଗଦର୍ଶିକା ପ୍ରଦାନ କରିଥିଲେ ତତ୍‌ସମ୍ବନ୍ଧରେ ବୁଖାରେରେ ଏହି ଶବ୍ଦ ଉଲ୍ଲେଖ ମିଳେ: رَأَيْتُمُوْنَا تَخْطَفُنَا الطَّيْرُ فَلَا تَبْرَحُوْا مَكَانَكُمْ هٰذَا حَتّٰى أُرْسِلَ إِلَيْكُمْ، وَإِنْ رَأَيْتُمُوْنَا هَزَمْنَا الْقَوْمَ وَأَوْطَأْنَاهُمْ، فَلَاتَبْرَحُوْا حَتّٰى أُرْسِلَ إِلَيْكُمْ ଆଁହଜରତ ସ.ଅ କହିଲେ, ତୁମେମାନେ ଯଦି ଏହା ଅବଲୋକନ କର (ଦେଖ) ଯେ, ଆମମାନଙ୍କୁ ଶାଗୁଣା ଚିଲ ଝୁଣି ଖାଉଛନ୍ତି ତେବେ ସେପରିପ୍ରେକ୍ଷୀରେ ଯେପର୍ଯ୍ୟନ୍ତ ମୁଁ ତୁମମାନଙ୍କୁ କୌଣସି ସନ୍ଦେଶ ପ୍ରେରଣ କରିଦେଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ କଦାପି ନିଜ ସ୍ଥାନରୁ ବିଚ୍ୟୁତ (ହଟିବ) ନାହିଁ । ସେହେପିର ତୁମେମାନେ ଯଦି ଏହା ଅବଲୋକନ କର କି ଆମେମାନେ ଶତ୍ରୁ ପକ୍ଷକୁ ପରାସ୍ତ କରିଦେଇଛୁ ଓ ଆମେମାନେ ସେମାନଙ୍କୁ ଦମନ କରି ଦେଇଛୁ ଏବଂ ଯେପର୍ଯ୍ୟନ୍ତୁ ମୁଁ ତୁମମାନଙ୍କ ପର୍ଯ୍ୟନ୍ତ କୌଣସି ସନ୍ଦେଶ ପ୍ରେରଣ କରିଦେଇ ନାହିଁ ସେପର୍ଯ୍ୟନ୍ତ ମଧ୍ୟ ତୁମେମାନେ ସେହି ସ୍ଥାନରୁ ଆଦୌ ହଟିବ ନାହିଁ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଜିହାଦ୍ ଓସ୍ ସୈର୍, ବାବୁ ମା ୟକ୍‌ରହୁ ମିନତ୍ ତନାଜିଅ ଓଲ୍ ଇଖ୍‌ତିଲାଫି ଫିଲ୍ ହର୍‌ବି, ବର୍ଣ୍ଣନା ସଂଖ୍ୟା-3039)**

ବୁଖାରୀର ଆଉ ଏକ ବର୍ଣ୍ଣନା ରହିଛି ଯେ, ଆଁହଜରତ ସ.ଅ ସାହାବାମାନଙ୍କୁ କହିଲେ ହେ ସାହାବାମାନେ ! ତୁମେମାନେ ପର୍ବତର ସେହି ସ୍ଥାନ ଅର୍ଥାତ୍ ଫାଟକରୁ ଆଦୌ ହଟିବ ନାହିଁ । ତୁମେମାନେ ଯଦି ଏହା ଅବଲୋକନ କରି ଯେ, ଶତ୍ରୁ ପକ୍ଷ ଉପରେ ଆମେ ବିଜୟ ଲାଭ କରିନେଇଛୁ । ତେବେ ସେପରିପ୍ରେକ୍ଷୀରେ ତୁମେମାନେ ଆଦୌ ସେହି ସ୍ଥାନକୁ ଖାଲି ଛାଡ଼ି ଦେବ ନାହିଁ । ଯେକୌଣସି

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 05 SEPTEMBER 2024 Issue No. - 36

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ବିପତ୍ତିରେ ତୁମେମାମନେ ସେହି ସ୍ଥାନକୁ ଛାଡ଼ିବ ନାହିଁ । **(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍, ଗଜୱା ଓହୋଦ୍, ହଦିସ୍ ନଂ-4043)**

ଜଣେ ଜୀବନୀ ଲେଖାଳୀ ଉଲ୍ଲେଖ କରନ୍ତି ଯେ, ଆପଣ ସ.ଅ କହିଲେ, ତୁମେମାନେ ଶତ୍ରୁ ପକ୍ଷର ଅଶ୍ୱାରୋହୀ ଟୁକୁଡ଼ିଙ୍କୁ ଆମ ଠାରୁ ଦୂରେଇ ରଖିବ । କାରଣ ସେମାନେ ଆମ ପଛ ପଟୁ ଯେପରି ଆକ୍ରମଣ ନ କରନ୍ତୁ । ଯଦି ଆମେମାନେ ଜୟଯୁକ୍ତ ହେଲୁ ତେବେ ତୁମେମାନେ ନିଜ ସ୍ଥାନରେ ଅଟକି ରହିବ ଓ ଅପେକ୍ଷା କରିବ । କାରଣ କାଳେ ସେମାନେ ଆମ ପଛ ପଟୁ ନ ଆସି ଯାଆନ୍ତୁ । ତେଣୁ ତୁମେମାନେ ନିଜ ନିଜ ସ୍ଥାନରେ ଦଣ୍ଡାୟମାନ ହୋଇ ରହିବ । ସେଠାରୁ ହଟିବ ନାହିଁ । ସେହିପରି ଯେତେବେଳେ ତୁମେମାନେ ଏହା ଦେଖ କି ଆମମାନଙ୍କୁ ଶହୀଦ୍ କରି ଦିଆଯାଉଛି ସେତେବେଳେ ମଧ୍ୟ ତୁମେମାନେ ଆମମମାନଙ୍କୁ ସାହାଯ୍ୟ କରିବ ନାହିଁ ଓ ନା ହିଁ ଆମମାନଙ୍କର ରକ୍ଷା କରିବ । କିନ୍ତୁ ତୁମେମାନେ ସେମାନଙ୍କ ଉପରେ ଅର୍ଥାତ୍ ଶତ୍ରୁ ପକ୍ଷର ଅଶ୍ୱାରୋହୀମାନଙ୍କ ଉପରକୁ ତୀର ଚାଳନା କରିବ । କାରଣ ଅଶ୍ୱମାନେ ତୀର ବର୍ଷଣ ଯୋଗୁଁ ଆଗକୁ ଅଗ୍ରସର ହୁଅନ୍ତି ନାହିଁ । ନିଃସନ୍ଦେହ ଯେପର୍ଯ୍ୟନ୍ତ ତୁମେମାନେ ନିଜ ନିଜ ସ୍ଥାନରେ ଅର୍ଥାତ୍ ପର୍ବତର ସେହି ସ୍ଥାନ ଅର୍ଥାତ୍ ଫାଟକ ବା ମାର୍ଗରୁ ହଟି ନାହଁ ସେପର୍ଯ୍ୟନ୍ତ ଆମେମାନେ ବିଜୟୀ ରହିବୁ । ପୁନଶ୍ଚ ଆପଣ ସ.ଅ କହିଲେ, ହେ ଅଲ୍ଲାଃ ! ମୁଁ ତୁମ୍ଭକୁ ସେମାନଙ୍କ ଉପରେ ସାକ୍ଷ୍ୟ ରଖୁଛି। **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-190, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ଜଣେ ଲେଖକ ଉଲ୍ଲେଖ କରନ୍ତି ଯେ, ଇତ୍ୟବସରରେ ଆଁହଜରତ ସ.ଅ କହିଲେ, ହେ ପର୍ବତର ଫାଟକସ୍ଥ ମାର୍ଗରେ ଥିବା ସାହାବାମାନେ ! ଯେତେବେଳେ ତୁମେମାନେ ଏହା ଅବଲୋକନ କର କି ଆମେମାନେ ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନରତ୍ନ) ସାଉଁଟୁଛୁ ସେତେବେଳେ ତୁମେମାନେ ଆମମାନଙ୍କ ସହିତ ସାମିଲ୍ ହେବ ନାହିଁ । ପ୍ରତ୍ୟେକ ଅବସ୍ଥାରେ ତୁମେମାନେ ଆମମାନଙ୍କୁ ସୁରକ୍ଷା ପ୍ରଦାନ କରିବ । **(ଜୀବନୀ ଇନ୍‌ସାଇକ୍ଲୋପିଡ଼ିୟା, ଭାଗ-6, ପୃ-231, ଦାରୁସ୍ ସଲାମ୍)**

ଜଣେ ଲେଖକ 50 ଜଣ ଧନୁର୍ଦ୍ଧରମାନଙ୍କ ସଂକ୍ରାନ୍ତରେ ଉଲ୍ଲେଖ କରି କୁହନ୍ତି, ଯେଉଁ ବ୍ୟକ୍ତିକୁ ଯୁଦ୍ଧଭୂମି ଦେଖିବା, ସେହି ଜବ୍‌ଲୁର୍ ରୁମାହ୍ ପର୍ବତର ଅବସ୍ଥିତି ସହିତ ପରିଚିତ, ଉକ୍ତ ପର୍ବତଟି କନାତ୍ ଉପତ୍ୟକାରେ ଅବସ୍ଥିତ ସଂପର୍କରେ ଅବଗତ ତଥା ପରିଚିତ ହେବାର ସୁଯୋଗ ପ୍ରାପ୍ତ ହୋଇଗଲା ସେହି ବ୍ୟକ୍ତିକୁ ରସୁଲୁଲ୍ଲାଃ ସ.ଅଙ୍କ ଯୁଦ୍ଧର ମହାନ ଅଭିଜ୍ଞତା ସଂକ୍ରାନ୍ତରେ ଜ୍ଞାତ ହୋଇଯିବ । ଆପଣ ସ.ଅ ଯୁଦ୍ଧ ସଂପର୍କିତ ଯୋଜନା ଏବଂ ସୈନ୍ୟ ଶକ୍ତି ସଂପର୍କରେ ବ୍ୟାପକ ଅଭିଜ୍ଞତାର ଅଧିକାର ଥିଲେ । ସେହିପରି ଆପଣ ସ.ଅ ଯୁଦ୍ଧ ପ୍ରସ୍ତୁତିର ଅନନ୍ୟ ସୁଯୋଗ ଚୟନ କରିବା ଆଦି କ୍ଷେତ୍ରରେ ଓ ଯୁଦ୍ଧ ଜୟ କରିବା ନିମନ୍ତେ ଯେଉଁସବୁ ଆବଶ୍ୟକୀୟ ପ୍ରସଙ୍ଗ ରହିଥିଲା ସେହି ସମସ୍ତ ପ୍ରସଙ୍ଗ ପ୍ରତି ଆପଣ ସ.ଅ ଅବଗତ ଥିଲେ । ଉପରୋକ୍ତରେ ବର୍ଣ୍ଣିତ ପ୍ରସଙ୍ଗରେ ଆପଣ ସ.ଅ ଅନ୍ୟ ସମସ୍ତଙ୍କ ଠାରୁ ଅନନ୍ୟ ଥିଲେ । **(ଓହୋଦ୍ ଯୁଦ୍ଧ, ଲେଖକ- ମୁହମ୍ମଦ୍ ଅହେମଦ ବାଶ୍‌ମିଲ୍, ପୃ-101-102, ପ୍ରକାଶନ ସ୍ଥାନ, ନଫସ୍ ଏକାଡ଼େମୀ, କରାଚୀ)**

ସେହିପରି ଆଉ ଜଣେ ଲେଖକ ଆଁହଜରତ ସ.ଅଙ୍କ ଯୁଦ୍ଧ ସଂପର୍କିତ ଅଭିଜ୍ଞତା, ତତ୍ତ୍ୱଦର୍ଶିତା ସଂପର୍କରେ ବର୍ଣ୍ଣନା କରି ଉଲ୍ଲେଖ କରନ୍ତି ଯେ, ଉକ୍ତ ଯୁଦ୍ଧ ସଂପର୍କିତ ବ୍ୟବହାରିକ ତତ୍ତ୍ୱଦର୍ଶିତା ଏପରି ଉତ୍କୃଷ୍ଟ ଏବଂ ସୁନ୍ଦର ଓ ଶ୍ରେଷ୍ଠ ଥିଲା । ଯଦ୍ଦ୍ୱାରା ହୁଜୁର ସ.ଅଙ୍କ ସୈନ୍ୟ ନୈତୃତ୍ୱର ବୁଦ୍ଧିମତା ସଂପର୍କରେ ପରିଚୟ ମିଳିଥାଏ । ଅର୍ଥାତ୍ ଅସାଧାରଣ ସାମର୍ଥ୍ୟତାର ସୂଚନା ମିଳିଥାଏ । ତହିଁରୁ ଏହା ପ୍ରମାଣିତ ହୁଏ ଯେ, କୌଣସି ସେନାପତି ସେ ପଛେ ଯେତେ ବୁଦ୍ଧିମାନ ହୋଇଥାଉ ନା କାହିଁକି ଆପଣ ସ.ଅଙ୍କ ଠାରୁ ଅଧିକ ସୂକ୍ଷ୍ମଦର୍ଶୀ, ତତ୍ତ୍ୱଦର୍ଶୀ ଓ ସୁନ୍ଦର ଭାବରେ ଯୁଦ୍ଧ ନିମନ୍ତେ ଯୋଜନା ପ୍ରସ୍ତୁତ କରିପାରିବା ନାହିଁ । କାରଣ ଆପଣ ସ.ଅ ଶତ୍ରୁ ପକ୍ଷର ଯୁଦ୍ଧ ଭୂମିରେ ଅବତୀର୍ଣ୍ଣ ହେବା ପରେ ଓହୋଦ୍ ଯୁଦ୍ଧ ଭୂମିରେ ଅବତୀର୍ଣ୍ଣ ହୋଇଥିଲେ । କିନ୍ତୁ ଆପଣ ସ.ଅ ଯୁଦ୍ଧ ଦୃଷ୍ଟିକୋଣରୁ ନିଜର ସୈନ୍ୟ ବାହିନୀ ନିମନ୍ତେ ଏପରି ଏକ ସ୍ଥାନ ମନୋନୀତ (ବାଛିଲେ) ଯାହାକି ଯୁଦ୍ଧ ଭୂମି ମଧ୍ୟରୁ ସର୍ବୋତ୍କୃଷ୍ଟ ସ୍ଥାନ ଥିଲା ।

ଆପଣ ସ.ଅ ପର୍ବତ ଶୃଙ୍ଗର ସାହାଯ୍ୟ ନେଇ ନିଜର ପଶ୍ଚାତ୍‌ଭାଗ ଏବଂ ଦକ୍ଷିଣ ପାର୍ଶ୍ୱକୁ ସୁରକ୍ଷିତ କରିନେଲେ ଏବଂ ବାମ ପାର୍ଶ୍ୱ ରେ ଥିବା ସେ ଫାଟକସ୍ଥ ମାର୍ଗ ଯେଉଁ ମାର୍ଗ ଦେଇ ଶତ୍ରୁପକ୍ଷ ଇସ୍‌ଲାମୀୟ ସୈନ୍ୟବାହିନୀ ପର୍ଯ୍ୟନ୍ତ ପହଞ୍ଚିପାରି ଥାଆନ୍ତା ସେହି ମାର୍ଗକୁ ଆପଣ ସ.ଅ ଧନୁର୍ଦ୍ଧରମାନଙ୍କ ଦ୍ୱାରା ବନ୍ଦ କରି ଦେଇଥିଲେ। ଆପଣ ସ.ଅ ଶିବିର ନିମନ୍ତେ ଏତେ ଉଚ୍ଚ ସ୍ଥାନକୁ ଚୟନ କଲେ ଯେ, ଭଗବାନ ନକରନ୍ତୁ ପରାଜୟ ସହ୍ୟ କରିବାକୁ ପଡ଼ିଲା ତେବେ ପଳାୟନ ଓ ପିଛାକାରୀଙ୍କ କବଳକୁ ଯିବା ପରିବର୍ତ୍ତେ ଇସଲାମୀୟ ସୈନ୍ୟ ବାହିନୀକୁ ସୁରିକ୍ଷିତ ସ୍ଥାନକୁ ଅତି ସହଜରେ ପହଞ୍ଚିଯିବ । ଶତ୍ରୁ ଯଦି ସୈନ୍ୟର ମଧ୍ୟବର୍ତ୍ତୀ ଭାଗକୁ ବିଦୀର୍ଣ୍ଣ (ଚିରି) ଇସଲାମୀୟ ସୈନ୍ୟବାହିନୀର କେନ୍ଦ୍ର ଉପରେ କବ୍‌ଜା କରିବା ନିମନ୍ତେ ଆଗକୁ ଅଗ୍ରସର ହୁଏ ତେବେ ତାହାକୁ ବହୁତ କ୍ଷତି ସହ୍ୟ କରିବାକୁ ପଡ଼ିବ । ଏହାର ବିପରୀତ ଆପଣ ସ.ଅ ଶତ୍ରୁ ପକ୍ଷକୁ ଖୋଲା ମଇଦାନରେ ଢାଲୁ ଆଡ଼କୁ ରହିବା ପଇଁ ବାଧ କରିଦେଲେ। କୁରୈଶ୍‌ମାନଙ୍କର ଏହି ଧାରଣ ଥିଲା କି ଇସ୍‌ଲାମୀୟ ସୈନ୍ୟବାହିନୀ ମଦିନାରୁ ବାହାରି ସଂପୂର୍ଣ୍ଣ ରୂପେ ଯୁଦ୍ଧ ଭୂମିର ସମ୍ମୁଖକୁ ଚାଲି ଆସିବ। ଅର୍ଥାତ୍ ସମ୍ମୁଖରେ ଆସି ଅବତୀର୍ଣ୍ଣ ହେବ । କିନ୍ତୁ ରସୁଲୁଲ୍ଲାଃ ସ.ଅ ଇସ୍‌ଲାମୀୟ ସୈନ୍ୟବାହିନୀକୁ ଅର୍ଦ୍ଧ ବୃତ୍ତରେ ବୁଲାଇଲେ ଏବଂ ଶତ୍ରୁକୁ ପଶ୍ଚିମ ଦିଗରେ ଛାଡ଼ି ଅର୍ଥାତ୍ ଅତିକ୍ରମ କରି ସେମାନଙ୍କ ପଛରେ ସୁରକ୍ଷିତ ସ୍ଥାନକୁ ବାଛିଲେ। ବର୍ତ୍ତମାନ୍ ଇସ୍‌ଲାମୀୟ ସୈନ୍ୟବାହିନୀ ଯେଉଁ ସ୍ଥାନରେ ରହିଥିଲା ସେହି ସ୍ଥାନଟି ସର୍ବୋତ୍କୃଷ୍ଟ ସ୍ଥାନ ଥିଲା । ଓହୋଦ୍ ପର୍ବତ ଓ ଐନୈନ୍ ପର୍ବତ ଯୋଗୁଁ ପଶ୍ଚାତ୍ ଓ ଦକ୍ଷିଣ ଭାଗ ସୁରକ୍ଷିତ ଥିଲା। ବାମ ପାର୍ଶ୍ୱରେ ଜବ୍‌ଲୁର୍ ରୁମାହ୍ (ରୁମାହ୍ ପର୍ବତ) ଉପରେ ଧନୁର୍ଦ୍ଧରମାନେ ସେହି ଫାଟକକୁ ସମ୍ଭାଳିଥିଲେ । ଦକ୍ଷିଣ ଭାଗ ଯାହାକି ଜବ୍‌ଲୁର୍ ରୁମାହରୁ ଆଗକୁ ଥିଲା ସେଠାରେ କନାତ୍ ଉପତ୍ୟକାର ସ୍ଥାୟୀ ପାର୍ଶ୍ୱ ରହିଥିଲା ଯେଉଁଠି ଶତ୍ରୁ ଉପରେ ଆକ୍ରମଣ କରିବା ସମ୍ଭବପର ଥିଲା । **(ଗଜୱାତ୍ ୱ ସରାୟା, ଲେଖକ-ଅଲ୍ଲାମା ମୁହମ୍ମଦ୍ ଅଜହର୍ ଫରିଦ୍, ପୃ-166-167, ପ୍ରକାଶନ ସ୍ଥାନ- ଫରିଦ୍ ପ୍ରିଣ୍ଟିଂ ପ୍ରେସ୍ ସାହିୱାଲ୍)**

ଏଥି ସଂକ୍ରାନ୍ତରେ ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ସାହିବଜାଦା ମିର୍ଜା ଶରୀଫ୍ ଅହେମଦ ସାହେବ ର.ଅ ମଧ୍ୟ ଉଲ୍ଲେଖ କରିଛନ୍ତି । ଆପଣ ର.ଅ କୁହନ୍ତି: "ଆଁହଜରତ ସ.ଅ ଈଶ୍ୱରଙ୍କ ସାହାଯ୍ୟ ଉପରେ ଭରସା କରି ଆଗକୁ ଅଗ୍ରସର ହେଲେ ଏବଂ ଓହୋଦ୍ ପର୍ବତର ପାଦ ଦେଶରେ ଶିବିର ସ୍ଥାପନ କଲେ । ଏପରି ପନ୍ଥା ଆପଣଇବା ଦ୍ୱାରା ଓହୋଦ୍ ପର୍ବତ ମୁସଲମାନମାନଙ୍କ ପଛ ଭାଗକୁ ଆସିଗଲା ଓ ମଦିନା ସମ୍ମୁଖରେ ରହିଲା । ସୁତରାଂ ଏପରି କରିବା ଦ୍ୱାରା ଆପଣ ସ.ଅ ସୈନ୍ୟବାହିନୀର ପଶ୍ଚାତ୍ (ପଛ) ଭାଗକୁ ସୁରକ୍ଷିତ କରିନେଲେ । ପର୍ବତ ପଶ୍ଚାତ୍ ଭାଗରେ ଏକ ଫାଟକ ଅର୍ଥାତ୍ ଏକ ମାର୍ଗ ଥିଲା ଯେଉଁ ମାର୍ଗ ଦେଇ ଅକ୍ରମଣ ହୋଇପାରି ଥାଆନ୍ତା। ଏହାର ସୁରକ୍ଷା ନିମନ୍ତେ ଆପଣ ସ.ଅ ଏହି ବ୍ୟବସ୍ଥା କଲେ ଯେ, ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ନେତୃତ୍ୱରେ 50 ଜଣ ଧନୁର୍ଦ୍ଧର ସାହାବିମାନଙ୍କୁ ସେଠାରେ ମୁତୟନ କରିଦେଲେ । କାରଣ ଯାହା ବି ହୋଇ ଯାଉ ସେମାନେ ଉକ୍ତ ସ୍ଥାନକୁ ନଛାଡ଼ନ୍ତୁ ଓ ଶତ୍ରୁ ପକ୍ଷ ଉପରେ ତୀର୍ ବର୍ଷଣ କରି ଚାଲନ୍ତୁ । ଆପଣ ସ.ଅ ସେହି ଫାଟକର ସୁରକ୍ଷା ପ୍ରତି ଏତେ ଚିନ୍ତିତ ଥିଲେ ଯେ, ଆପଣ ସ.ଅ ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କୁ ବାରମ୍ବାର କହିଥିଲେ ଯେକୌଣସି ପରିସ୍ଥିତିରେ ଫାଟକସ୍ଥ ମାର୍ଗକୁ ଖାଲି ଛାଡ଼ିବ ନାହିଁ । ଏପର୍ଯ୍ୟନ୍ତ କି ତୁମେମାନେ ଯଦି ଏହା ଦେଖିଲ କି ଆମେମାନେ ଜୟଯୁକ୍ତ ହୋଇଛୁ ଏବଂ ଶତ୍ରୁ ପରାସ୍ତ ହୋଇ ପଳାୟନ କରିଛି । ତେବେ ମଧ୍ୟ ତୁମେମାନେ ଉକ୍ତ ସ୍ଥାନକୁ ଛାଡ଼ିବ ନାହିଁ । ଅର୍ଥାତ୍ ସେହି ସ୍ଥାନରୁ ହଟିବ ନାହିଁ । ଯଦି ତୁମେମାନେ ଦେଖ ଯେ, ମୁସଲମାନମାନଙ୍କର ପରାଜୟ ଘଟିଛି ଏବଂ ଶତ୍ରୁ ଆମ ଉପରେ ଅଧିକାର କରିନେଇଛି ତେବେ ସେପରିପ୍ରେକ୍ଷୀରେ ମଧ୍ୟ ତୁମେମାନେ ସେହି ସ୍ଥାନରୁ ହଟିବ ନାହିଁ । ଏକ ବର୍ଣ୍ଣନାରେ ଉକ୍ତ ଶବ୍ଦର ଉଲ୍ଲେଖ ରହିଛି ଯେ, "ଯଦି ତୁମେମାନେ ଏହା ଅବଲୋକନ କର କି ଆମମାନଙ୍କୁ ଚିଲ ଶାଗୁଣାମାନେ ଝୁଣ୍ଟୁଛନ୍ତି ଅର୍ଥାତ୍ ଆମମାନଙ୍କରଲ ମାଂସ ଝୁଣି ଖାଉଛନ୍ତି ତେବେ ମଧ୍ୟ ତୁମେମାନେ ନିଜ ସ୍ଥାନରୁ ହଟିବ ନାହିଁ । ଆଁହଜରତ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ଯେପର୍ଯ୍ୟନ୍ତ ମୁଁ ତୁମମାନଙ୍କୁ ଆଦେଶ ଦେଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ଏଠାରୁ ହଟିବ ନାହିଁ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-487-488)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ତତ୍‌ସମ୍ବନ୍ଧରେ ବର୍ଣ୍ଣନା କରନ୍ତି ଯେ, ପରିଶେଷରେ ଆପଣ ସ.ଅ ଓହୋଦ୍ ଠାରେ ପହଞ୍ଚିଲେ । ସେଠାରେ ପହଞ୍ଚି ଆପଣ ସ.ଅ ଏକ ପର୍ବତସ୍ଥ ମାର୍ଗରେ ଥିବା ଏକ ଫାଟକର ସୁରକ୍ଷା ନିମନ୍ତେ 50 ଜଣ ସୈନ୍ୟ ମୁତୟନ କଲେ । ଆପଣ ସ.ଅ ସିପାହୀମାନଙ୍କୁ ତାଗିଦ୍ କଲେ ଯେ, ଉକ୍ତ ମାର୍ଗର ଫାଟକଟି ଏତେ ଜରୁରୀ ଯେ, ଆମେମାନେ ମୃତ୍ୟୁବରଣ କରୁ ଅବା ଜିତି ଯାଉ ତୁମେମାନେ କିନ୍ତୁ ଏଠାରୁ ହଲିବ ନାହିଁ । ଅର୍ଥାତ୍ ହଟିବ ନାହିଁ । ଏତଦ୍‌ପରେ ଆପଣ ସ.ଅ ଅନ୍ୟ 650 ଜଣ ସୈନ୍ୟଙ୍କୁ ଧରି ଶତ୍ରୁ ସହିତ ମୁକାବିଲା କରିବା ନିମନ୍ତେ ବାହାରିଲେ। ଅତଏବ ଉକ୍ତ 650 ଜଣ ଲୋକ (ମୁସଲମାନ ସୈନ୍ୟ) ଶତ୍ରୁ ସଂଖ୍ୟା ଅପେକ୍ଷା ପ୍ରାୟ ପଞ୍ଚମାଂଶ ଥିଲେ । **(ଦିବାଚା ତଫସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-247-248)**

ଧନୁର୍ଦ୍ଧରମାନଙ୍କର ସୈନ୍ୟ ଟୁକୁଡ଼ିକୁ ପାହାଡ଼ ଉପରେ ମୁତୟନ କରି ଆପଣ ସ.ଅ ନିଶ୍ଚିନ୍ତ ହୋଇଗଲେ ଏବଂ ଧାଡ଼ି ପ୍ରସ୍ତୁତ କରିବାକୁ ଲାଗିଲେ ଏବଂ ସେନାପତିର ଦାୟିତ୍ୱ ବାଣ୍ଟିବାକୁ ଲାଗିଲେ । **(ଅବଶିଷ୍ଟାଂଶ................ ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan